ସକାଳ THE SAKALA



# ୪୦ ଫୁଟ ତଳକୁ ଓଲଟିଲା ଟ୍ରଲର; ଚାଳକ ଗୁରୁତର

**ଖଲ୍ଲିକୋଟ,୧୧।୨(ସମିସ):** ବ୍ଲାକ ସ୍ପଟ୍ ପାଲଟିଥିବା ଖଲ୍ଲିକୋଟ ବଡ଼ଘାଟି ରାସ୍ତାରେ ପୁଣି ଭୟଙ୍କର ସଡ଼କ ଦୁର୍ଘଟଣା। ବ୍ରିଜ ଉପରୁ ୪୦ ଫୁଟ ତଳକୁ ଓଲଟି ପଡ଼ିଲା ଲୁହା ଛଡ଼ ବୋଝେଇ ଟ୍ରଲର। ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏହି ଭୟଙ୍କର ଦୁର୍ଘଟଣା। ଏଥିରେ ଟ୍ରଲର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବିଶାଖାପାଟଣାରୁ କୋଲକାତା ଅଭିମୁଖେ ଆସୁଥିବା ଏକ ଲୁହା ଛଡ଼ ବୋଝେଇ ଟ୍ରଲର



ହଠାତ୍ ୧୬ ନମ୍ବର ଜାତୀୟ ରାଜପଥ ବଡ଼ ଘାଟି ଫ୍ଲାଏଓଭର ବ୍ରିଜ ଉପରେ ଭାରସାମ୍ୟ ହରାଇ ପ୍ରାୟ ୪୦ ଫୁଟ ତଳକୁ ଓଲଟି ପଡିଥିଲା। ଫଳରେ ଟ୍ରଲରଟି ୧୬ ନମ୍ବର ଜାତୀୟ ରାଜପଥରୁ ଖସି ୩୦ ନମ୍ବର ରାଜ୍ୟ ରାଜପଥ ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତାରେ କଚାଡ଼ି ହୋଇପଡିଥିଲା। ଦୁର୍ଘଟଣାରେ ଟ୍ରଲରଟି ସଂପୂର୍ଣ୍ଣ ଚୁରମାର ହୋଇଯାଇଥିବା ବେଳେ ଟ୍ରଲର ଡ୍ରାଇଭର ବିହାର ଅଞ୍ଚଳର ହାଇଦର ଅଲ୍ଲୀ ଗୁରୁତର ଆହତ ହୋଇଥିଲେ। ଅପରପକ୍ଷେ ଭୁବନେଶ୍ୱରୁ ଆସିକାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଟ୍ରଲରଟି ପଡ଼ିଥିବା ବେଳେ କ୍ରେନ୍ ସାହାଯ୍ୟରେ ହଟା ଯାଇଛି। ତେବେ ଜାତୀୟ ରାଜପଥର ବଡ଼ ଘାଟି ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଥିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ନଜିର ରହିଛି। ତେବେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ତେବେ ଏଥିପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି କହିଛନ୍ତି।

# ଆରପାରିରେ ଦାମ ମାଷ୍ଟ୍ରେ

**● ରାମାୟଣ ନାଟକର ଦୀପ୍ତିମନ୍ତ ପୁରୁଷ**

**ସାନଖେମୁଣ୍ଡି,୧୧।୨(ସମିସ):** ଗଞ୍ଜାମ ଜିଲ୍ଲା ରାମାୟଣ ନାଟକର ନିର୍ଦ୍ଦେଶକ ତଥା ଭୀଷ୍ମ ପିତାମହ ଦାମୋଦର ବାଡ଼ତ୍ୟା ଆଉ ନାହାନ୍ତି। ବୁଧବାର ସକାଳ ୯ଟାରେ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବହୁ କଳାକାର ଓ ସାମାଜିକ, ପୌରାଣିକ ନାଟକର ନିର୍ଦ୍ଦେଶକ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ୧୯୪୨ରେ ସାନଖେମୁଣ୍ଡି ବ୍ଲକ କଲରାପଦର ଗ୍ରାମରେ ପିତା ଚୌଧୁରୀ ବାଡ଼ତ୍ୟା ମାତା ସୁରେଖା ଦେବୀଙ୍କ କୋଳମଣ୍ଡନ କରିଥିଲେ ଦାମୋଦର ମାଷ୍ଟ୍ରେ। ପିଲାଟି



ଦିନରୁ ତାଙ୍କ ସଙ୍ଗୀତ ଜ୍ଞାନରେ ବିକାଶ ଘଟିଥିଲା। ତାଙ୍କର ପ୍ରଥମ ସଙ୍ଗୀତ ଗୁରୁ ଥିଲେ ଗଞ୍ଜାମ ଜିଲ୍ଲା ଆଠଗଡ଼ ମଥୁରା ଗ୍ରାମର ବାଉରୀ ବନ୍ଧୁ ସାହୁ। କଲରାପଦର ଗ୍ରାମରେ ସୌବତ ମାଆ ନାଟକରେ ଡୁଏଟ ଓ କବାଲି ଅଭିନୟ କରି ପ୍ରଥମ ଥର ଚର୍ଚ୍ଚାକୁ ଆସିଥିଲେ। ସେ ଏକ ମଫସଲ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କ ନିଜ ପ୍ରତିଭା ବଳରେ ସାରା ଦକ୍ଷିଣ ଓଡ଼ିଶାରେ ଜଣେ ଅପ୍ରତିଦ୍ୱନ୍ଦି କଳାକାର, ସୁନାମଧେୟ କଣ୍ଠଶିଳ୍ପୀ ତଥା ନିର୍ଦ୍ଦେଶକ ଭାବେ ସେ ଖୁବ ପରିଚିତ ଥିଲେ। ୧୯୮୫ ମସିହାରେ ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ଗ୍ରାମରେ ପ୍ରଥମେ ରାମାୟଣ ବା ସେତୁବନ୍ଧ ନାଟକ ନିର୍ଦ୍ଦେଶନା ଦେଇ ଗଞ୍ଜାମ, ଗଜପତି, କୋରାପୁଟ ଜିଲ୍ଲାରେ ପ୍ରଶଂସା ସାଉଁଟିଥିଲେ। ଏମିତିକି ସେ ସୁଦୂର ମୁମ୍ବାଇରେ ମଧ୍ୟ ୧୯୭୦,୧୯୭୧, ୧୯୭୨ ରାମାୟଣ, ମହାଭାରତ ନାକଟ ପରିବେଷଣ କରିଥିଲେ। କେବଳ ଯେ ରାମାୟଣ ନାଟକ ନୁହଁ ଅନେକ ଲୋକ କଳା ସଂସ୍କୃତି ସହ ଥିଲେ ଜଡିତ। ଶତାଧିକ କଳାକାର ସହ ଅନେକ ଗୁରୁ ତିଆରି କରିବାରେ ସେ ଥିଲେ ବିନ୍ଧାଣି। ଦାମୋଦର ବାଡ଼ତ୍ୟା ବହୁ ପୁରୁଣା ନାଟ ମାଷ୍ଟର ହୋଇଥିବା ହେତୁ ତାଙ୍କୁ ଗଞ୍ଜାମ ଜିଲ୍ଲାର ଭୀଷ୍ମ ପିତାମହ ଦାମ ମାଷ୍ଟର ମଧ୍ୟ କୁହାଯାଉଥିଲା। ମୃତ୍ୟୁଶଯ୍ୟା ନିକଟରେ ବେଳକୁ ତାଙ୍କ ପୁଅ, ବୋହୂ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

# ଗଞ୍ଜେଇ ସହ ବାଇକ୍ ଜବତ, ଦୁଇ ଗିରଫ

**ଭଞ୍ଜନଗର,୧୧।୧(ସମିସ):** ଭଞ୍ଜନଗର ପୁଲିସ ବାଇକ୍ ସହ ୨୯ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ସଂପୃକ୍ତ ୨ ଜଣକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ, କନ୍ଧମାଳ ଜିଲ୍ଲା ସଲାଗୁଡାର ନରେଶ କହଁର ଓ ଗଞ୍ଜାମ ଜିଲ୍ଲା ତାରାସିଂର ଭିକାରୀ ଦଳବେହେରା।

ଥାନା ଅଧିକାରୀଙ୍କ ସୂଚନା ପ୍ରକାରେ, ମଙ୍ଗଳବାର ସ୍ଥାନୀୟ ପୁଲିସ ପକ୍ଷରୁ ନିଧିଆପଲ୍ଲୀ ଛକରେ ଯାନବାହାନ ଚେକିଂ ବେଳେ ସୂଚନା ପାଇ ଏସ୍ଆଇ ଲିପିନା ବିଶ୍ୱାଳ ଖାରିଗୁଡା ରାସ୍ତାରେ କନ୍ଧମାଳ ଜିଲ୍ଲାରୁ ଆସୁଥିବା ଏକ ବାଇକକୁ ଅଟକାଇ ଥିଲେ। ଯାଞ୍ଚ ବେଳେ ବାଇକ୍‌ରେ ଏକ ବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଏମାନଙ୍କ ନିକଟରୁ ନଗଦ ୧୩୫୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଏନେଇ ଥାନାକୁ ସୂଚନା ଦେବାପରେ ଘଟଣାସ୍ଥଳକୁ ମାଜିଷ୍ଟ୍ରେଟଙ୍କ ଅନ୍ୟ ଷ୍ଟାଫ ପହଞ୍ଚି ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଏନେଇ ନଂ.୧୨୩/୨୬ରେ ଏକ ମାମଲା ରୁଜୁ କରି ଏନ୍‌ଡିପିଏସ୍ ଆଇନ ବଳରେ ନରେଶ ଓ ଭିକାରୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇ କନ୍ଧମାଳରୁ ଭୁବନେଶ୍ୱର ଯାଉଥିବା ଥାନା ଅଧିକାରୀ କହିଛନ୍ତି।



**ଭାଷଣରେ ସୀମିତ ଶୀତଳ ଭଣ୍ଡାର ନିର୍ମାଣ**

# ବିଲରେ ସଢୁଛି ଫୁଲକୋବି; ଚିନ୍ତାରେ ଚାଷୀ

**ରମ୍ଭା,୧୧।୨(ସମିସ):**

ଗଞ୍ଜାମ ବ୍ଲକର ପନିପରିବା ପେଣ୍ଠସ୍ଥଳି କୁହାଯାଉଥିବା ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ଡିଆଁଡେଇଁ, ଭାଇଆଡ଼ି, ସାନରାମଚନ୍ଦ୍ରପୁର, ମଧୁରଚୁଆ ଗ୍ରାମର ଚାଷୀ ଚାଷକୁ ବେଉସା କରି ଜୀବିକା ନିର୍ବାହ କରୁଛନ୍ତି। ହେଲେ ଶୀତଳ ଭଣ୍ଡାର ଅଭାବରୁ ଚାଷୀ ବର୍ଷର ଅଧିକାଂଶ ସମୟ ଅଭାବୀ ବିକ୍ରି ଶିକାର ହୋଇଥାନ୍ତି। ବର୍ତ୍ତମାନ ଅଲୋଡ଼ା ହୋଇଯାଇଛି ଫୁଲକୋବି। ଶାଗ ମାଛ ଦରରେ ବାଡ଼ ମୁହଁରେ ୩ଟଙ୍କା ଦାମରେ ବିକ୍ରି ହେଉଥିବା ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି। ଉପରୋକ୍ତ ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ନିକଟରେ ଡବଲ ଇଞ୍ଜିନ ସରକାରଙ୍କ ଶୀତଳ ଭଣ୍ଡାର ନିର୍ମାଣ ପ୍ରତି ବ୍ଲକସ୍ତରରେ ସ୍ଥିର ହୋଇଥିବା ନେତାଙ୍କ ଭାଷଣ ବାଜିରେ ସୀମିତ ହୋଇ ରହିଯାଇଛି।

ଗଞ୍ଜାମ କଲେଜର ଛାତ୍ର ତଥା ଡିଆଁଡେଇଁ ଗ୍ରାମର ସଞ୍ଜୟ ନାହାକ +୩ ସାରି ପର ମୂହୁର୍ତ୍ତରେ ଡିପ୍ଲୋମା କରି ପାଠ ପଢ଼ାରେ ଡୋରି ବାନ୍ଧିଥିଲେ। ଅନ୍ୟ ପାଖରେ ଚାକିରି କରିବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହେବାକୁ ବାପା ଲୋକନାଥ ନାହାକଙ୍କର ୪ଏକର ଜମିରେ ଫୁଲକୋବି, ଟମାଟୋ, ପତ୍ରକୋବି, ଫଳକୋବି, ଗାଜର, ଧନିଆ, ବାଇଗଣ, ଲାଉ, କାକୁଡି, ଜାମୁ, କଲରା, କଖାରୁ, ବିଟ୍, ମିଠା ମକା, ଭେଣ୍ଡି ନିଜ କ୍ଷେତରେ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତେବେ ଅମଳ ଉତ୍ପାଦ ସୁରକ୍ଷିତ ରଖିବାକୁ ଶୀତଳ ଭଣ୍ଡାର ନ ଥିବା, ବଜାର ସୃଷ୍ଟି ପାଇଁ ଉପାୟ ହୋଇ ନ ଥିବାରୁ ଜାତୀୟକରଣ ବ୍ୟାଙ୍କର ରଣଛାଟ ଚାଷୀଙ୍କୁ ପ୍ରହାର ସଦୃଶ୍ୟ ହେଉଛି। ଅମଳ ଦ୍ରବ୍ୟ ଯଦି ଶାଗମାଛ ଦରରେ ବିକ୍ରି କରାଯାଏ ସବ୍‌ସିଡି ନ ମିଳେ ପରିଚୟ ସହ ଉତ୍ତମ ରୋଜଗାର କିପରି ପାଇବେ ବୋଲି ପ୍ରଶ୍ନ କରିଛନ୍ତି। ଆଜି ୪,୫୦୦ ଟଙ୍କାର ଔଷଧ ଆଣି କ୍ଷେତରେ ସିଞ୍ଚନ କରିବା ସହ ପର ମୂହୁର୍ତ୍ତରେ ମହାଜନୀମାନଙ୍କୁ ଫୁଲକୋବି ୧କେଜି ୩ଟଙ୍କା, ବନ୍ଧାକୋବି ୧କିଲୋ ୫ଟଙ୍କା, ଫଳକୋବି ୧କିଲୋ ୨ଟଙ୍କାରେ ବିକ୍ରି ହେଉଥିବା କହିଛନ୍ତି। ଏକାଧିକ ଜମିରେ ଚାଷୀ ଏକା ପ୍ରକାର ପରିବା ଆଦାୟ କରନ୍ତି ତାହାହେଲେ ପ୍ରଭାବ ଭିନ୍ନ ପ୍ରକାର ବଜାର ସୃଷ୍ଟି କରିବ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି। ଆନୁଷଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ନିଶ୍ଚିତ ରୂପେ ଅଧିକା ଲାଭବାନ ହୋଇପାରନ୍ତେ ବୋଲି ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି।



**■ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ**

# ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

**ଦିଗପହଣ୍ଡି,୧୧।୨(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଥିବା ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ସ୍ଥାନାନ୍ତର ମସୁଧାକୁ ଗ୍ରାମବାସୀ ତୀବ୍ର ବିରୋଧ କରି ବୁଧବାର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ସରପଞ୍ଚ ଗାୟତ୍ରୀ ବ୍ରହ୍ମା ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ ସଭା ଡାକି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ସରପଞ୍ଚଙ୍କ ସମେତ ବହୁ ଗ୍ରାମବାସୀ ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ସହ ଆଲୋଚନା କରିବା ପରେ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘବର୍ଷ ଧରି ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଭୀଷ୍ମଗିରି ପଞ୍ଚାୟତ କୋଠାରେ ଚାଲିଆସୁଛି। କିନ୍ତୁ ଏହାକୁ ଗ୍ରାମର କଳିଙ୍ଗ ବୈଶ୍ୟ ସମାଜର ଏକ ଗୃହକୁ ସ୍ଥାନାନ୍ତର ପାଇଁ ଯୋଜନା ହେଉଥିବା ଗ୍ରାମବାସୀ ଜାଣିବା ପରେ ବିରୋଧ କରିଛନ୍ତି। ବ୍ୟାଙ୍କ ଶାଖାର କିଛି କର୍ମଚାରୀଙ୍କ ଲାଭଖୋର୍ ମନୋବୃତ୍ତି ଯୋଗୁଁ କିଛି ବ୍ୟବସାୟୀଙ୍କ ପ୍ରରୋଚନାରେ ଶାଖା କାର୍ଯ୍ୟାଳୟକୁ ସ୍ଥାନାନ୍ତର ପାଇଁ ମସୁଧା ଚାଲିଥିବା ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।





ଏନେଇ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଏବଂ ବିଡ଼ିଓ ଅନାମିକା ପାଣ୍ଡେଙ୍କ ସମେତ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସରପଞ୍ଚ କହିଛନ୍ତି। ଏନେଇ ବ୍ୟାଙ୍କ ଶାଖା ପରିଚାଳକ କମଳ ଲୋଚନ ମହାନ୍ତିଙ୍କୁ ପଚାରିବାରୁ, ବହୁବର୍ଷର କୋଠାଟି ଭାଙ୍ଗିରୁଜି ଗଲାଣି। ବ୍ୟାଙ୍କ ପକ୍ଷରୁ ପଞ୍ଚାୟତକୁ ମାସିକ ୨୫ ଶହ ଟଙ୍କା ଭଡ଼ା ଦିଆଯାଉଛି। ବାରମ୍ବାର ଚିଠି ସତ୍ତ୍ୱେ କୋଠା ମରାମତି କରାଯାଉନାହିଁ। ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ମାତ୍ର ୧ ଶହ ମିଟର ଦୂରକୁ ଘୁଞ୍ଚାଯିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଗ୍ରାହକଙ୍କ କୌଣସି ଅସୁବିଧା ହେବନାହିଁ। ଯେହେତୁ ବହୁବର୍ଷ ହେଲା ସେଠାରେ ପଞ୍ଚାୟତ ଅଧିନ କୋଠାରେ ବ୍ୟାଙ୍କ କାର୍ଯ୍ୟ କରୁଛି। ତେଣୁ କିଛି ବ୍ୟକ୍ତି ଭାବୁକ ହୋଇ ଶାଖା କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରୁଥିବା ସେ କହିଛନ୍ତି । ଅପରପକ୍ଷରେ ତତ୍କାଳୀନ ବ୍ୟାଙ୍କ ଶାଖା ପରିଚାଳକଙ୍କ ଅନୁରୋଧ କ୍ରମେ ପୂର୍ବତନ ସରପଞ୍ଚ ପୀତାମ୍ବର ଗୌଡ଼ଙ୍କ ସମୟରେ ବ୍ୟାଙ୍କ କୋଠା ମରାମତି କରାଯିବା ସହ କର୍ମଚାରୀଙ୍କ ନିମନ୍ତେ ଶୌଚାଳୟ ଓ ଗ୍ରାହକଙ୍କ ନିମନ୍ତେ ଏଟିଏମ୍ କୋଠରୀ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ କେଉଁ ଉଦ୍ଦେଶ୍ୟରେ ବ୍ୟାଙ୍କ କୋଠା ପାଇଁ ଭଡ଼ା ବାବଦରେ ୨୨ ହଜାର ଟଙ୍କା ପାଇଁ ଚୁକ୍ତିନାମା କରାଯାଇ ସ୍ଥାନାନ୍ତର ପାଇଁ ମସୁଧା କରାଯାଉଛି ସେନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି।

# ମହିଳାଙ୍କୁ ହତ୍ୟା ଉଦ୍ୟମ: ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୧।୨(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଏମ.ସସ୍ମିତା ରେଡ୍ଡୀଙ୍କୁ ଠେଙ୍ଗାରେ ପିଟି ହତ୍ୟା ଉଦ୍ୟମ ଘଟଣାର ମୁଖ୍ୟ ଅଭିଯୁକ୍ତ ମଙ୍ଗରାଜପୁର ଗ୍ରାମର ଏସ.ଉଜ୍ଜଳ ରେଡ୍ଡୀଙ୍କୁ ବୁଧବାର ତଦନ୍ତକାରୀ ପୁଲିସ ଅଧିକାରୀ ସୋଫିଆ ମିଶ୍ର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୧୧ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପଡୋଶୀ ଏସ୍. ଶ୍ରୀଦେବୀ ସସ୍ମିତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଶ୍ରୀଦେବୀଙ୍କ ସ୍ୱାମୀ ଏସ.ଉଜ୍ଜଳ ରେଡ୍ଡୀ ସେଠାକୁ ଆସି ତାଙ୍କୁ ଟଣାଓଟରା କରିବା ସହ ଏକ ଠେଙ୍ଗାରେ ମୁଣ୍ଡକୁ ଶକ୍ତ ଆଘାତ କରିଥିଲେ। ସସ୍ମିତା ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲେ। ଫେରିବା ପରେ ସସ୍ମିତା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଠେଙ୍ଗା ପୁଲିସ ଜବତ କରିଛି।

# ପିଏମଶ୍ରୀ ସିଟି ହାଇ ସ୍କୁଲର ବାର୍ଷିକ ଉତ୍ସବ



**ବ୍ରହ୍ମପୁର,୧୧।୨(ସମିସ):** ସ୍ଥାନୀୟ ପିଏମଶ୍ରୀ ସିଟି ହାଇ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମୁଖ୍ୟବକ୍ତା ଭାବେ ରଙ୍ଗେଇଲୁଣ୍ଡା ବ୍ଲକ୍ ଶିକ୍ଷାଧକାରୀ ଦେବେନ୍ଦ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଡ଼ିପିଆଇଏଏସଇ ଅନୁଷ୍ଠାନର ଅଧକ୍ଷ ଡ଼. ମନୋଜ କୁମାର ପ୍ରଧାନ, ସ୍ଥାନୀୟ କର୍ପୋରେଟର ଜେ. ଶ୍ରୀନିବାସ ରାଓ, ସିଆରସିସି ବାଙ୍କ ବିହାରୀ ପ୍ରଧାନ, ଏସ୍ଏମସି ସଭାପତି ନରସିଂହ ମହାପାତ୍ର, ଏସ୍ଏମ୍‌ଡିସିର ପୂର୍ବତନ ସଭାପତି ପି. ସତ୍ୟନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ପଦ୍ମଶ୍ରୀ ଡଃ. କୋଟା ହରିନାରାୟଣ, ବିଶିଷ୍ଟ ଶିକ୍ଷାବିତ୍ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଡଃ. ଶ୍ରୀନିବାସ ସାହୁ, ପ୍ରଖ୍ୟାତ ତଥା ଆନ୍ଧ୍ରପ୍ରଦଶର ମୁଖ୍ୟ ଶାସନ ସଚିବ ଭି. ଆନନ୍ଦ ରାଓ, ପାରମାଣିକ ପଦାର୍ଥ ବିଜ୍ଞାନ ସିଦ୍ଧାନ୍ତର ଲେଖିକା ଡ. ବି.ଭି. ସୀତାକୁମାରୀ, ବାଙ୍ଗାଲୁର୍ ସ୍ଥିତ ଅନ୍ତର୍ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ ପ୍ରଫେସର ଡଃ. ଆର୍. ଭେଙ୍କଟ୍ ରାଓ ଏବଂ ଅର୍ଜୁନ ପୁରସ୍କାର ବିଜେତା ତଥା ଆନ୍ତର୍ଜାତିକ ଭାରୋତ୍ତଳକ କେ. ରବି କୁମାରଙ୍କ ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ବିଦ୍ୟାଳୟ ସର୍ବଦା ପ୍ରେରଣାର ଉତ୍ସ ହୋଇପାରିଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଲାଭ କରିଥିବା ଛାତ୍ରଙ୍କୁ ଅତିଥିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଶନିବାର ସକାଳୁଆ ସ୍କୁଲ

**ବ୍ରହ୍ମପୁର,୧୧।୨(ସମିସ):** ଶୀତ ଲହରୀ କମିବା ପରେ ପୂର୍ବ ପରି ଶନିବାର ସକାଳୁଆ ସ୍କୁଲ ଆରମ୍ଭ ହୋଇଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ଆସନ୍ତା ଶନିବାର ଠାରୁ ସକାଳ ୬.୩୦ରୁ ୧୨.୩୦ ପର୍ଯ୍ୟନ୍ତ ଚାଲିବା ନେଇ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରବଳ ଥଣ୍ଡାକୁ ଦୃଷ୍ଟିରେ ରଖି ଗତ ୨୦୨୫ ଡିସେମ୍ବର ୧୮ ତାରିଖରେ ସକାଳୁଆ ସ୍କୁଲ ସମୟକୁ ପରିବର୍ତ୍ତନ କରି ସ୍ୱାଭାବିକ ସମୟରେ ବିଦ୍ୟାଳୟ ଚଳାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରି ଜିଲ୍ଲା ଶିକ୍ଷା ବିଭାଗର ଚିଠି ସଂଖ୍ୟା ୨୧୭୦ ଅନୁଯାୟୀ ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଖୋଡ଼ାସିଙ୍ଗି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ





**ବ୍ରହ୍ମପୁର,୧୧।୨(ସମିସ):** ଖୋଡାସିଙ୍ଗି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷଧିକାରୀ ଦେବେନ୍ଦ୍ର ବେହେରା ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ଭୂୟାଁ, ସିଆରସିସି ଏ. ଭଗବାନ, ବାଙ୍କ ବିହାରୀ ପ୍ରଧାନ, ଜିତେନ୍ ପଣ୍ଡା, ୱାଇ. ଦିଲେଶ୍ୱ ରେଡ୍ଡୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ଏଫଏଲଏନ୍ କକ୍ଷକୁ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦାର୍ଥୀଙ୍କ ଦ୍ୱାରା ଲିଖିତ ଶିଶୁଲେଖା ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**● ଆଧାର ଅପରେଟରଙ୍କୁ ଶୋଷଣ; ୪୬ଲକ୍ଷ ହଡ଼ପ**

# ପୂର୍ବତନ ଜିଲ୍ଲା ପରିଚାଳକ ଶିବା ଗିରଫ

**ବ୍ରହ୍ମପୁର,୧୧।୨(ସମିସ):** ଗଞ୍ଜାମ ଜିଲ୍ଲାରେ ଥିବା ଆଧାର କାର୍ଡ ଅପରେଟରଙ୍କୁ ଠକେଇ ଓ ଆର୍ଥିକ ଶୋଷଣ କରିବା ସହ ୪୬ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲ୍ଲା ଭଲିଭର୍ଥିପାଡୁ ରୋଡର ମୂଳ ବାସିନ୍ଦା ତଥା ବ୍ରହ୍ମପୁର ତୁଳସୀନଗର ନିକଟ ସୁରଜବିହାର ପ୍ରଥମ ଲାଇନରେ ରହୁଥିବା ସତ୍ୟନାରାୟଣ ଶିଳା ଓରଫ ଶିବା(୪୦)। ଜିଲ୍ଲାରେ ଆଧାର କାର୍ଡ ପ୍ରସ୍ତୁତ କରୁଥିବା କମ୍ପାନୀ ବ୍ଲୁମ୍ ସଲ୍ୟୁସନସ ପ୍ରାଇଭେଟ ଲିମିଟେଡରେ ଅଭିଯୁକ୍ତ



ଶିବା ଜିଲ୍ଲା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ସେ ଜିଲ୍ଲାର ଆଧାର ଅପରେଟରଙ୍କୁ ଡରାଇ ଧମକାଇ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ରହିଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଆଧାରକାର୍ଡ ସଂଶୋଧନ କରିବାକୁ ହାଇଦ୍ରାବାଦର ବ୍ଲୁମ୍ ସଲ୍ୟୁସନ ନାମକ ସଂସ୍ଥା ଦାୟିତ୍ୱ ନେଇଛି। ସେହି ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାର ପ୍ରାୟ ୭୦ଜଣ ଅପରେଟରଙ୍କୁ ଜନସାଧାରଣଙ୍କ ଆଧାରକାର୍ଡ ସଂଶୋଧନ କରିବାକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଅପରେଟରମାନେ ଲୋକଙ୍କ ଆଧାରକାର୍ଡ ସଂଶୋଧନ କରିବା ପରେ ନିର୍ଦ୍ଧାରିତ ଫିସ ନେଉଛନ୍ତି। ହେଲେ ଲୋକଙ୍କ ଠାରୁ ଅଧିକ ଫିସ ଆଦାୟ କରିବାକୁ ଜିଲ୍ଲା ପରିଚଳକ ଶିବା ଅପରେଟରଙ୍କୁ ପରାମର୍ଶ ଦେଇ ଟଙ୍କା ଆଦାୟ କରୁଥିଲେ ବୋଲି ପୂର୍ବରୁ ଅଭିଯୋଗ ରହିଥିଲା। ଏପରିକି ଲାଇସେନ୍ସ ନବୀକରଣ ନାଁରେ କମ୍ପାନୀରେ ଟଙ୍କା ଜମା କରିବାକୁ କହି ଶିବା ଜିଲ୍ଲାର ଅପରେଟରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏହା ଜଣାପଡିବା ପରେ କମ୍ପାନୀ ପକ୍ଷରୁ ଶିବାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଏହାପରେ ଶିବା କିଛି ଅପରେଟରଙ୍କୁ ଧରି ଓକାକ କାର୍ଯ୍ୟାଳୟକୁ ଯାଇ ହୋହାଲ୍ଲା କରିବା ସହ କମ୍ପାନୀ ଉପରିସ୍ଥ ଅଧିକାରୀଙ୍କୁ ଧମକଚମକ ଦେଇଥିଲେ। ଘଟଣାକୁ ନେଇ କମ୍ପାନୀର ପ୍ରକଳ୍ପ ପରିଚାଳକ ୟୁ. ଶ୍ରିନିବାସ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ଶିବାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉନି; ଭୁଶୁଡ଼ିବ ବ୍ରିଟିଶ୍ ଅମଳର ପୋଲ

**ପୋଲସରା,୧୧।୨(ସମିସ):**

ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉନି; ଭୁଶୁଡ଼ିବ ବ୍ରିଟିଶ୍ ଅମଳର ପୋଲସରା ମ୍ୟୁନିସିଆପାଲିଟି ଅନ୍ତର୍ଗତ ଲେମ୍ବୁଘାଇ ଧନେଇ ନଦୀ ପୋଲ। ପୋଲର ଉପର ଭାଗର ବିଭିନ୍ନ ସ୍ଥାନରେ ଫାଟି ଆଁ କଲାଣି ତ ତଳପଟୁ ବୃକ୍ଷ ବାହାରି ପଥରରୁ ଚୂନ ଖସିବାରେ ଲାଗିଛି। ପୋଲର ଅନେକ ସ୍ଥାନରେ ଲୁହାରେ ନିର୍ମିତ ହୋଇଥିବା ଗାର୍ଡୱାଲ ମଧ୍ୟ ନଷ୍ଟ ହେବାକୁ ବସିଲାଣି। କାହିଁ କେଉ କାଳରୁ ଲୁହାଛଡ଼ ଓ ପଥର ଚୂନରେ ନିର୍ମିତ ହୋଇଥିବା ବ୍ରିଜ୍ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ଏହି ବ୍ରିଜ୍ ଅତିକ୍ରମ କରି ଦୈନିକ ହଜାର ହଜାର ଭାରୀଯାନ ଠାରୁ ଆରମ୍ଭ କରି ବସ୍ ଓ ଛୋଟବଡ଼ ଗାଡି ଯାତାୟାତ କରୁଛି। ଫଳରେ ବ୍ରିଜ ନିଜ କ୍ଷମତା ଠାରୁ ଅଧିକ ଓଜନ ମୁଣ୍ଡାଇବା କାରଣରୁ ବଡ଼ ବଡ଼ ଫାଟ ସୃଷ୍ଟି ହେଇଛି। ସ୍ଥାନୀୟ ବାସିନ୍ଦା ବ୍ରିଜ୍‌ରେ ଫାଟ ହେଇଥିବା ଜାଣିବା ପରେ ଯାତ୍ରୀଙ୍କୁ ସଚେତନ କରାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉନି। ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ଏହି ବ୍ରିଜ୍‌ଟି ବିପଦସଂକୁଳ ଅବସ୍ଥାରେ ଥିବା ଜାଣି ମଧ୍ୟ ଏଥିପ୍ରତି ଧ୍ୟାନ ନଦେଇ ଚୁପ ରହିବା ସାଧାରଣ ଲୋକଙ୍କ ଧନଜୀବନ ସହ ଖେଳିବା ଭଳି ମନେ ହେଉଛି। ଗତବର୍ଷ ଏଆର୍‌ଏସ୍‌ଏସ୍ କୋଟି କୋଟି ଟଙ୍କାର ଟେଣ୍ଡର ନେଇ ବୁଢ଼ାମ୍ବ ଠାରୁ ବୁଗୁଡ଼ା ରାସ୍ତାର ମରାମତି କରିଥିଲା। କିନ୍ତୁ ସେହି ସମୟରେ କାହିଁକି ଧନେଇ ବ୍ରିଜ୍ ପ୍ରତି ପୂର୍ତ୍ତ ବିଭାଗ ମରାମତି କିମ୍ବା ନୂତନ ବ୍ରିଜ୍ ପାଇଁ କାର୍ଯ୍ୟ ଆରମ୍ଭ କରାଗଲା ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଦେହୁରୀଙ୍କୁ ପଚାରିବାରୁ ରାଣୀପଡ଼ା ଧନେଇ ବ୍ରିଜ୍ କାମ ଆରମ୍ଭ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ଲାଗି ଏଷ୍ଟିମେଟ ଚାଲିଛି ଅତିଶୀଘ୍ର ଟେଣ୍ଡର ସରି କାମ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ ହିଁ କହିବ।



# ବିକ୍ରମ ପଣ୍ଡାଙ୍କ ପୁନଃ ସ୍ୱାସ୍ଥ୍ୟ ସ୍ଥିତି ଯାଞ୍ଚ



ବ୍ରହ୍ମପୁର,୧୧ ।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଗତକାଲି ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବିକ୍ରମ ଆଜି ସକାଳେ ପୁଣି ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ । ଫଳରେ ତାଙ୍କର ପୁନଃ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସମ୍ପୂର୍ଣ୍ଣ ଶରୀରର ଏମଆରଆଇ ସହିତ ଏକ୍ସ-ରେ ମଧ୍ୟ କରାଯାଇଛି । ଏଥିପାଇଁ ବିକ୍ରମଙ୍କୁ ସର୍ଜରୀ ୱାର୍ଡରୁ ସୁପର ସ୍ପେଶାଲିଟି ବ୍ଲକକୁ ନିଆଯାଇଥିଲା । ଏହି ସମୟରେ ବିକ୍ରମଙ୍କ ପରିବାର ବର୍ଗଙ୍କ ସହିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବହୁ କର୍ପୋରେଟର ଓ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ପରୀକ୍ଷା ପରେ ବିକ୍ରମଙ୍କୁ ସୁପର ସ୍ପେଶାଲିଟି ବ୍ଲକରୁ ସର୍ଜରୀ ୱାର୍ଡକୁ ବ୍ୟାଟେରି ଗାଡିରେ ନିଆଯାଇଥିଲା ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର,୧୧।୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଛତ୍ରପୁର ଥାନା ଅଞ୍ଚଳର ମହେନ୍ଦ୍ର ସାହୁ (୩୫) । ସେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ବାଇକ୍ (ନଂ.ଓଡ଼ି୦୭କ୍ୟୁ-୧୭୪୧) ଯୋଗେ ଯାଉଥିବାବେଳେ ଏକ ଟ୍ରକ୍ (ନଂ.ଓଆର୍୧୪ଏସ ୦୧୯୯) ତାଙ୍କୁ ପଛପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଗୋପାଳପୁର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବାଇକ୍‌କୁ ଜବତ କରିଥିବା ବେଳେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି ।

# ବ୍ରହ୍ମପୁର ଅସ୍ଥାୟୀ ବସଷ୍ଟାଣ୍ଡ ଡୁଡୁମା କଲୋନୀଠାରେ ଲୋକାର୍ପିତ

ବ୍ରହ୍ମପୁର,୧୧ ।୨(ସମିସ)

ଡୁଡୁମା କଲୋନୀ ଠାରେ ବ୍ରହ୍ମପୁରର ଅସ୍ଥାୟୀ ସିଟି ବସଷ୍ଟାଣ୍ଡ ଲୋକାର୍ପିତ । ଗେଟବଜାର ଠାରେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିର୍ମାଣାଧିନ ଓଭର ବ୍ରିଜ ପାଇଁ ସହର ମଧ୍ୟରେ ଥିବା ସିଟି ବସଷ୍ଟାଣ୍ଡର ବିକଳ୍ପ ହେବ ଏହି ଅସ୍ଥାୟୀ ବସଷ୍ଟାଣ୍ଡ । ଏଥିପାଇଁ ସହର ଉପକଣ୍ଠରେ ଥିବା ରାଜ୍ୟ ବିଦ୍ୟୁତ ବୋର୍ଡର ପ୍ରାୟ ସାଢେ ୪ଏକର ପରିମିତ ଜମି ଯାହା ବର୍ତ୍ତମାନ ଓପିଟିସିଏଲ ଅଧିନରେ ରହିଛି ବିଇଡିଏ ଲିଜ ସୂତ୍ରରେ ନେଇ ସେଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିଛି । ୨ ବର୍ଷ ପାଇଁ ଲିଜ୍ ସୂତ୍ରରେ ଥିବା ଏହି ଜମି ସରକାରୀ ଥିବାରୁ ଏଥିପାଇଁ କୌଣସି ଦେୟ ଦେବାକୁ ପଡିନାହିଁ । ତେବେ ପ୍ରଥମ ପର୍ଯ୍ୟାୟରେ ବିଇଡିଏ ପକ୍ଷରୁ ୧କୋଟି ୭୩ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ବିନିଯୋଗ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି ଅଧିକ ୨କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସୂଚନା ଦେଇଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ବିନିଯୋଗ ହୋଇଥିବା ପ୍ରାୟ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ପାଇଁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଗତବର୍ଷ ଅଗଷ୍ଟ ୨୧ତାରିଖରେ ଚିଠି ଲେଖି ୮୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପାଇଁ ଦାବି କରିଥିଲେ । ପରବର୍ତ୍ତି ସମୟରେ ଏଥିପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଆର୍ଥିକ ଅନୁଦାନ ଆସିଥିବା ଜଣାପଡିଛି । ତେବେ ପରିବହନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଅସ୍ଥାୟୀ ବସଷ୍ଟାଣ୍ଡ ପାଇଁ ପରିବହନ ବିଭାଗରୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନଥିବା ଜଣାପଡିଛି । ଅସ୍ଥାୟୀ ବସଷ୍ଟାଣ୍ଡକୁ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ସହିତ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଜିଲ୍ଲାପାଳ ଭି. କିର୍ତ୍ତିଭାସନ, ବିଏମସି କମିଶନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳା, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ପ୍ରଦୀପ କୁମାର ନାୟକ, ଶିବ ପ୍ରସାଦ ଦାଶ, ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ କୁମାର ଜେନାଙ୍କ ସମେତ ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଦିନେ କିମ୍ବା ଦୁଇଦିନ ମଧ୍ୟରେ ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବାକୁ ଥିବା ବେଳେ ସହର ମଧ୍ୟକୁ ଆଗକୁ ଯାତ୍ରୀବାହୀ ବସ ଚଳାଚଳରେ କଟକଣା ଜାରି କରାଯିବ । ଦିଗପହଣ୍ଡି ଓ ଆସ୍କା ପଟୁ ସହରକୁ ଆସୁଥିବା ସମସ୍ତ ବସ ଏଣିକି ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବ । ସେଠାରୁ ଯାତ୍ରୀଙ୍କୁ ନେବାଆଣିବ କରିବ । ସେହିଭଳି ଭୁବନେଶ୍ୱରରୁ ସହରକୁ ଆସୁଥିବା ଓ ଆନ୍ଧ୍ରପଟୁ ବ୍ରହ୍ମପୁରକୁ ଆସୁଥିବା ସମସ୍ତ ବସ ହଳଦିଆପଦର ବସ ଟର୍ମିନାଲକୁ ଯିବ । ସେହିଭଳି ଛତ୍ରପୁର ଓ ପୁରୁଷୋତ୍ତମପୁର ପଟୁ ବ୍ରହ୍ମପୁରକୁ ଆସୁଥିବା ଛୋଟବଡ ବସଗୁଡିକ କୋର୍ଟପେଟା ଛକ ପର୍ଯ୍ୟନ୍ତ ଆସି ସିଧାସଳଖ କମ୍ମାପଲ୍ଲୀ, ଟାଟାବେଞ୍ଚ ଓ ବିଜିପୁର, ଗୋଷାଣିନୂଆଗାଁ ହୋଇ ହଳଦିଆପଦରକୁ ଯିବେ । ବର୍ତ୍ତମାନ ପରିସ୍ଥିତିରେ କିଛିଟା ସମସ୍ୟା ରହିଥିବା ବେଳେ ସେଗୁଡିକର ତୁରନ୍ତ ସମାଧାନ କରିବାକୁ ବିଏମସି ସହିତ ଯୋଗାଯୋଗ କରାଯାଇଥିବା କହିଛନ୍ତି ଜିଲ୍ଲାପାଳ ଭି. କିର୍ତ୍ତି ଭାସନ । ବସ ଚଳାଚଳରେ କିଭଳି ସମସ୍ୟା ସୃଷ୍ଟି ନହେବ ସେଥିପାଇଁ ବସମାଲିକ ସଂଘ ସହିତ ମଧ୍ୟ ଆଲୋଚନା କରାଯିବ । ବସଷ୍ଟାଣ୍ଡରୁ ଯାତ୍ରୀଙ୍କ ଯାତାୟତରେ ଯେଭଳି ସମସ୍ୟା ସୃଷ୍ଟି ନହୁଏ ସେଥିପାଇଁ ସ୍ୱତନ୍ତ୍ର ଅଟୋର ବ୍ୟବସ୍ଥା କରାଯାଇଛି । ତେବେ ଯାତ୍ରୀଙ୍କ ଠାରୁ ମଧ୍ୟ ଅଟୋ ଚାଳକ ଯେଭଳି ଅଧିକ ଭଡା ନନିଅନ୍ତି ସେଥିପାଇଁ ମୂଲ୍ୟ ନିର୍ଦ୍ଧାରଣ କରାଯିବ । ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେଲେ କୋର୍ଟପେଟା ଛକ ଠାରୁ ଫାଷ୍ଟଗେଟ ପର୍ଯ୍ୟନ୍ତ ସହର ମଧ୍ୟଦେଇ କୌଣସି ଯାତ୍ରୀବାହୀ ବସ ଚଳାଚଳ କରିବ ନାହିଁ । ଯଦ୍ୱାରା ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ସହଜ ହୋଇପାରିବ । ତେବେ ଅନ୍ଧପସରା ରୋଡରେ ଭାରୀଯାନ ଚଳାଚଳ ଦ୍ୱାରା ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ସମାଧାନ କରିବାକୁ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ପରାମର୍ଶ ଦେଇଛନ୍ତି ।

ବର୍ତ୍ତମାନ ପରିସ୍ଥିତିରେ ଅସ୍ଥାୟୀ ବସଷ୍ଟାଣ୍ଡରେ ମାତ୍ର ୨୪ଟି ବସ ପାଇଁ ବସ-ୱେ ନିର୍ମାଣ ହୋଇଥିବା ବେଳେ ବସ ସଂଖ୍ୟା ପ୍ରାୟ ୨୨୦ରୁ ଅଧିକ ରହିଛି । ଏଣୁ ପ୍ରାରମ୍ଭିକ ଅବସ୍ଥାରେ ସ୍ଥାନାଭାବ ଏକ ସମସ୍ୟା ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛି ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘ । ସେପଟେ ସହରକୁ ଟ୍ରାଫିକ ଜନିତ ସମସ୍ୟାରୁ ମୁକ୍ତ କରିବା ପାଇଁ ଖୁବଶୀଘ୍ର ରିଂ ରୋଡ କାର୍ଯ୍ୟ ସମାପ୍ତ କରିବା ଓ ଅସ୍ଥାୟୀ ବସଷ୍ଟାଣ୍ଡକୁ ସ୍ଥାୟୀ କରାଯିବା ଉପରେ ବିଧାୟକ କେ. ଅନୀଲ କୁମାର ଗୁରୁତ୍ୱ ଦେଇଛନ୍ତି ।

- ମନ୍ତ୍ରୀ, ମେୟର ଓ ବିଧାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟନ ଉତ୍ସବ ସମ୍ପନ୍ନ
- ସହର ଭିତରକୁ ଯାତ୍ରୀ ନେବାଆଣିବା ପାଇଁ ଧାର୍ଯ୍ୟ ହେବ ଅଟୋ ଭଡ଼ା
- ବସ୍ ମାଲିକଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟାର କରାଯିବ ସମାଧାନ

## ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୧।୨(ସମିସ): ବ୍ରହ୍ମପୁର ଉପକଣ୍ଠ କନିଷି ହାଟ ନିକଟରେ ବ୍ରହ୍ମପୁର ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି । ବ୍ରହ୍ମପୁର ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଗୋଳନ୍ଥରା, ମେରାଇନ୍, ସଦର, ନିମଖଣ୍ଡି, ଗୋପାଳପୁର ଥାନା ପରି ପାଞ୍ଚଟି ଥାନା ରହିଛି । ପୂର୍ବରୁ କାର୍ଯ୍ୟରତ ଥିବା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ଏହି ପାଞ୍ଚଟି ଥାନା ଠାରୁ ବହୁତ୍ ଦୂରରେ ରହିଥିଲା । ଯାହା ଦ୍ୱାରା ଉପଖଣ୍ଡ ଆରକ୍ଷୀ ଅଧକ୍ଷୀକଙ୍କ କାର୍ଯ୍ୟାଳୟକୁ ଲୋକମାନେ ବିଭିନ୍ନ ଅଭିଯୋଗ ନେଇ ଯିବା ଆସିବାରେ ଅସୁବିଧା ଭୋଗୁଥିଲେ ।



ଏହି କାର୍ଯ୍ୟାଳୟ ଦ୍ୱାରା ଥାନାଗୁଡ଼ିକୁ ଆହୁରି ଭଲ ଭାବେ ପରିଚାଳନା କରିବା ସହ ଲୋକଙ୍କୁ ଭଲରେ ସେବା ଯୋଗାଇ ପାରିବେ ବୋଲି ଆଇଜି ନୀତି ଶେଖର କହିଛନ୍ତି । ଉଦଘାଟନ ବେଳେ ଆଇଜି ନିତି ଶେଖର, ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ ଯୋଗ ଦେଇଥିଲେ । ଏ ଅବସରରେ ଅତିରିକ୍ତ ଏସପି ଆଲୋକ କୁମାର ଜେନା, କୈଳାଶ ଚନ୍ଦ୍ର ବୁରୁଦା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଡିଏସପି ବିବେକାନନ୍ଦ ସ୍ୱାଇଁ, ସ୍ମୃତିପ୍ରଭା ପ୍ରଧାନ, କନିଷି ସରପଞ୍ଚ ବି ସୁଜ୍ଞାନୀ, ୱାର୍ଡସଭ୍ୟ ଗୋପୀନାଥ ମହାରଣା, ସମାଜସେବୀ ଅଶ୍ୱିନୀ ପାତ୍ର, ସୁଧାଂଶୁ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ବ୍ରଜମୋହନ ନାହକ, ଭରତ ପାତ୍ର, ସନତ ନାହକ, ସୁଶୀଳା ସେଠି, ମିନତୀ ଦଳେଇ, ମୋନଜ ଦଳେଇ, କିସାନ ପଟ୍ଟନାୟକଙ୍କ ସମେତ ପୁଲିସ ଅଧିକାରୀ ଓ ଶତାଧିକ ଲୋକ ଉପସ୍ଥିତ ଥିଲେ ।

## ହତ୍ୟାକାରୀକୁ ୮ ବର୍ଷ ଜେଲ୍

ବ୍ରହ୍ମପୁର,୧୧।୨(ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଅଶାନ୍ତ କୁମାର ଦାଶ୍ ବୁଧବାର ଦିଗପହଣ୍ଡି ଥାନା କୈଁଠଡ଼ା ଗ୍ରାମରେ ୨୦୧୬ରେ ଘଟିଥିବା ବୁଲୁ ସେଠୀ ହତ୍ୟା ଘଟଣାର ବିଚାର କରି ଡମ୍ବରୁ ସେଠୀ(୪୫)କୁ ୮ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଜେଲ୍‌ଦଣ୍ଡସହ୫ହଜାରଟଙ୍କାଜରିମାନାଓଜରିମାନାଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି ।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଦ୍ୱାଦଶାହ କାର୍ଯ୍ୟରେ ବୁଲୁ ଭୋଜି ବାଢୁଥିଲେ । ସେହି ସମୟରେ କୌଣସି କଥାକୁ ନେଇ ଅଭିଯୁକ୍ତ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଅଭିଯୁକ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଭୁବନେଶ୍ୱରର ଏକ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଅଭିଯୁକ୍ତ ଜାମିନ୍‌ରେ ଥିଲେ । ଦିଗପହଣ୍ଡି ଥାନା ତତ୍କାଳୀନ ଆଇଆଇସି ତଥା ବର୍ତ୍ତମାନର ଡିଏସପି ଆଦିତ୍ୟକୁମାର ସେଠୀ ତାଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ପରେ ବିଚାରଣା ଆରମ୍ଭ ହୋଇଥିଲା । ୧୬ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ବୁଧବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୋଟରେ ହାଜର ହୋଇଥିଲେ । ରାୟ ପ୍ରକାଶ ପରେ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇଦିଆଯାଇଛି । ସରକାରଙ୍କ ପକ୍ଷରୁ କ୍ୟାଡର ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ ।

## ୯୨ କିଲୋ ଗଞ୍ଜେଇ ଜବତ; ୨ ଗିରଫ




ବ୍ରହ୍ମପୁର,୧୧।୨(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ୯୨ କେଜି ଗଂଜେଇ ଜବତ କରି ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କର୍ଣ୍ଣାଟକର ସବିର ଅଲି (୨୬) ଓ ମୋହନା ଅଡ଼ବା ସାଇନୋଶ ନାଇକ(୨୩) । ବୁଧବାର ମଧ୍ୟାହ୍ନରେ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଫାଷ୍ଟଗେଟ ଠାରେ ଅବକାରୀ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚ କରାଯାଇଥିଲା । ଯାଞ୍ଚବେଳେ ଏକ କାର୍‌ରୁ ୪ଟି ଜରି ବ୍ୟାଗ୍‌ରୁ ମୋଟ ୯୨ କେଜି ଗଞ୍ଜେଇ ମିଳିଥିଲା । ଏହା ସହିତ ଉକ୍ତ କାର୍‌ରୁ ଦୁଇଟି ମୋବାଇଲ୍ ଫୋନ୍, ସବୀର ଅଲିଙ୍କ ଆଧାର କାର୍ଡ ଏବଂ ଏକ ନମ୍ବର ପ୍ଲେଟ୍‌କୁ ମଧ୍ୟ ଜବତ କରାଯାଇଛି । ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଧିକ ତଦନ୍ତ ପାଇଁ ଅବକାରୀ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ୧୫ ଦିନର ରିମାଣ୍ଡରେ ନେବାକୁ ଆବେଦନ କରିଥିବା ଅବକାରୀ ବିଭାଗ ଡ଼ିଏସ୍‌ପି ସ୍ମୃତିକାନ୍ତ ରାଉତ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି ।

## ଇଟ୍ ରାଇଟ୍ ଚ୍ୟାଲେଞ୍ଜରେ ବ୍ରହ୍ମପୁର ମହାନଗର ନିଗମର ସଫଳତା

ବ୍ରହ୍ମପୁର,୧୧।୨(ସମିସ): ଏଫ୍‌ଏସ୍‌ଏସ୍‌ଆଇ ଦ୍ୱାରା ପରିଚାଳିତ ପ୍ରତିଷ୍ଠିତ "ଇଟ୍ ରାଇଟ୍ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ନିଗମ ରାଜ୍ୟର ସମସ୍ତ ନିଗମ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି । ଭାରତ ସରକାରଙ୍କ ଏଫ୍‌ଏସ୍‌ଏସ୍‌ଆଇ ଦ୍ୱାରା ପରିଚାଳିତ ପ୍ରତିଷ୍ଠିତ "ଇଟ୍ ରାଇଟ୍ ଚ୍ୟାଲେଞ୍ଜ' ପ୍ରତିଯୋଗିତାରେ ଜାତୀୟସ୍ତରରେ ୨୭ତମ ସ୍ଥାନ ହାସଲ କରିଛି । ୨୦୨୩-୨୪ରେ ବ୍ରହ୍ମପୁର ୮୩ତମ ସ୍ଥାନରେ ରହିଥିଲା । ଏହି ସଫଳତା ୧୬ଟି ପ୍ରମୁଖ ପାରାମିଟରରେ କାର୍ଯ୍ୟଦକ୍ଷତା ଆଧାରରେ ପ୍ରଦାନ କରାଯାଇଛି । ଯେଉଁଥିରେ ନୂତନ ପଞ୍ଜୀକରଣ, ଲାଇସେନ୍ସିଂ, ନିରୀକ୍ଷଣ ଏବଂ ପ୍ରବର୍ତ୍ତନ ଅଭିଯାନ, ଅନଲାଇନ୍ ଯାଞ୍ଚ, ସ୍ୱଚ୍ଛତା ମୂଲ୍ୟାଙ୍କନ, ହବ୍ ପ୍ରମାଣପତ୍ର (ଷ୍ଟ୍ରିଟ୍ ଫୁଡ୍, ପନିପରିବା ବଜାର, ପୂଜାସ୍ଥଳ) ଆଦିର ପ୍ରମାଣପତ୍ର ପ୍ରଦାନ, ଖାଦ୍ୟ ଅପଚୟ ପ୍ରମାଣପତ୍ର ଆଦି ରହିଥିବା ବେଳେ ଏହି ପାରଦର୍ଶିତାକୁ ନେଇ ପ୍ରଦାନ କରାଯାଇଛି । ଏହି ଅବସରରେ ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେସ ଅରବିନ୍ଦ ରାଜଶିର୍କେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସଫଳତା ସ୍ୱଚ୍ଛ ସର୍ବେକ୍ଷଣରେ ସହଯୋଗ ହେବ ବୋଲି କହିଛନ୍ତି ।

## ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ; ଯୁବକ ଗିରଫ

ବ୍ରହ୍ମପୁର,୧୧।୨(ସମିସ): ଗୋଷାଣିନୂଆଗାଁ ଥାନା ଅଂଚଳରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଡିମ୍ବିରା ବାଉରୀ ସାହିର ସୁବାସ ଦାସ(୪୨) । ମାମଲା ନଂ. ୫୪/୨୬ ରେ ତାଙ୍କୁ ପୁଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।ପ୍ରକାଶ ଯେ, ଏହି ଇଲାକାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି) ରେ ଶିବ ଶଙ୍କର ସାବତ କାମ କରନ୍ତି । ମଙ୍ଗଳବାର ସେ ସେଠାରେ କାର୍ଯ୍ୟରତ ଥିଲେ । ଜଣେ ମହିଳା ଏବଂ ତାଙ୍କର ସମ୍ପର୍କୀୟ ସୁବାସ ଦାସ ପହଞ୍ଚି ତାଙ୍କ ସହ ଝଗଡ଼ା କରିଥିଲେ । ପରେ ଶିବ ଶଙ୍କରଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିବା ସହ ତାଙ୍କ ମୋବାଇଲ ଫୋନ୍ ଓ ଚଷମା ଭାଙ୍ଗି ଦେଇଥିଲେ । କାର୍ଯ୍ୟରତ ଜଣେ ନର୍ସିଂ ଅଫିସର ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରେ ଏନେଇ ଶିବ ଶଙ୍କର ଥାନାରେ ଅଭିଯୋଗ କରିଥିଲେ ।

### ମନ୍ତ୍ରୀ ବିଭୂତିଙ୍କ ବିରୋଧରେ ଦାନା ବାନ୍ଧୁଛି ଅସନ୍ତୋଷ

# ମନ୍ତ୍ରୀଙ୍କ ଭାଷଣ ବେଳେ ସଭାସ୍ଥଳ ଛାଡ଼ି ଚାଲିଗଲେ ଦୁଇ ବିଧାୟକ

ବ୍ରହ୍ମପୁର,୧୧ ।୨(ସମିସ)

ଡବଲ ଇଂଜିନ ସରକାରରେ ଗଞ୍ଜାମ ଜିଲ୍ଲା ଭାଗରେ ପଡିଥିବା ଦୁଇଜଣ ମନ୍ତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ନେଇ ଖୋଦ୍ ଦଳୀୟ ନେତା ଓ କର୍ମୀ ଅତିଷ୍ଠ ହେଲେଣି । ଯାହାକୁ ନେଇ ଦଳୀୟ କନ୍ଦଳ ଓ ଗୋଷ୍ଠୀ ବିବାଦ ଉଗ୍ର ହୋଇସାରିଛି । ଦଳ ଭିତରର କଥା ହେଲେ ବି ଏସବୁ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି । ନିକଟରେ ଭୁବନେଶ୍ୱରରେ ବ୍ରହ୍ମପୁର ଲୋକସଭା କ୍ଷେତ୍ରର ସାଙ୍ଗଠନିକ ସ୍ଥିତି ଆଲୋଚନା ବୈଠକରେ ଖୋଦ୍ ବିଧାୟକମାନେ ଜଣେ ମନ୍ତ୍ରୀଙ୍କ ବିରୋଧରେ ବିଷ ଓଗାଳିଥିବା ଜଣାପଡିଛି । ମନ୍ତ୍ରୀଙ୍କ ଏକଛତ୍ରବାଦ କାର୍ଯ୍ୟକଳାପରେ ଜିଲ୍ଲାର ଏକାଧିକ ବିଧାୟକଙ୍କ ସମେତ ଅଧିକାଂଶ ନେତୃସ୍ଥାନୀୟ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ନିଜର କିଛି ହାତଗଣତି ବ୍ୟକ୍ତିବିଶେଷଙ୍କୁ ଧରି ମନ୍ତ୍ରୀ ରାଜୁତି ଚଳାଇଥିବା ଅଭିଯୋଗ ହୋଇଛି । ମନ୍ତ୍ରୀଙ୍କ ବିରୋଧରେ ଦଳଭିତରେ ଥିବା ଦୀର୍ଘଦିନର ଅସନ୍ତୋଷ ନିକଟରେ ଖୋଦ୍ ମନ୍ତ୍ରୀଙ୍କ ପୌରହିତ୍ୟରେ ସମ୍ପନ୍ନ ଗୋପାଳପୁର ବେଳାଭୂମି ମହୋତ୍ସବରେ ସ୍ପଷ୍ଟ ବାରି ହୋଇପଡ଼ିଥିଲା । କାରଣ ଏହି ମହୋତ୍ସବରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ ଯୋଗଦାନ କରିଥିଲେ ହେଁ ଏହି ମହୋତ୍ସବରେ ବିଜେପି ବ୍ରହ୍ମପୁର ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଯୋଗ ଦେଇନଥିଲେ । ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବୈଠକ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସିନଥିବା ଜଣାପଡିଛି ।

ଆଜି ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥିରେ ସମର୍ପଣ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ସଭାପତି ସରୋଜ ସାବତ । ଏଥିରେ ଗୋପାଳପୁର ବିଧାୟକ ତଥା ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କୁ ଛାଡି ଜିଲ୍ଲାର ଅନ୍ୟ କୌଣସି ବିଧାୟକ ଓ ସାଂସଦଙ୍କ ଉପସ୍ଥିତି ଦେଖିବାକୁ ମିଳିନଥିଲା । ତେବେ ମଞ୍ଚ ଉପରେ ସଭାପତିଙ୍କ ସହିତ ମନ୍ତ୍ରୀଙ୍କ ପାଇଁ ଚୌକିର ବ୍ୟବସ୍ଥା ଦେଖିବାକୁ ମିଳିଥିଲେ ହେଁ ଉପସ୍ଥିତ ଦୁଇ ବିଧାୟକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିଲା । ଯାହା ଉଭୟ ବିଧାୟକଙ୍କ ପାଇଁ ଅପମାନ ବୋଲି ଆଲୋଚନା ହେଉଛି । କାରଣ ଯାହା ହେଉନା କାହିଁକି କାର୍ଯ୍ୟକ୍ରମ ଆରମ୍ଭରୁ ବୈଠକରେ ଉପସ୍ଥିତ ଥିବା ଉଭୟ ବ୍ରହ୍ମପୁର ଓ ଚିକିଟି ବିଧାୟକ ମନ୍ତ୍ରୀ ଶ୍ରୀ ଜେନାଙ୍କ ଅଭିଭାଷଣ ଚାଲିଥିବା ବେଳେ ହଠାତ ବୈଠକ ସ୍ଥଳ ଛାଡ଼ି ଚାଲିଯାଇଥିଲେ । ଯାହା ବର୍ତ୍ତମାନର ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଜିଲ୍ଲା ସଭାପତି ସରୋଜ ସାବତଙ୍କ ପ୍ରତିକ୍ରିୟା ନେବାକୁ ଚାହିଁଥିବା ବେଳେ ଘଟଣାକୁ ସେ ଘୋଡାଇବାକୁ ଚେଷ୍ଟା କରିଥିଲେ । ତେବେ ଉଭୟ ବିଧାୟକ ବିଭିନ୍ନ କାରଣରୁ ଅସନ୍ତୋଷ ଥିବା ସେମାନଙ୍କ ହାବଭାବରୁ ଜଣାପଡ଼ିଥିଲା । ସେପଟେ ଆଜି ଠାରୁ ଆରମ୍ଭ ହେବାକୁଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ଜିଲ୍ଲା ପ୍ରଶାସନର ସହଭାଗିତା ଥିବାବେଳେ ଏଥିରେ ଖୋଦ୍ ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି । ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତ ନିମନ୍ତ୍ରଣ ପତ୍ରରେ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତିଙ୍କ ସମେତ ଜିଲ୍ଲାର ସମସ୍ତ ବିଜେପି ବିଧାୟକଙ୍କ ନାମ ରହିଥିଲେ ହେଁ ଚିକିଟି ବିଧାୟକଙ୍କ ନାମ ନଥିବାରୁ ଖୋଦ୍ ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିରୁ ଜିଲ୍ଲାରେ ବିଜେପିର ସାଙ୍ଗଠନିକ ସ୍ଥିତି କିଭଳି ରହିଛି ତାହା ସ୍ପଷ୍ଟ ଅନୁମେୟ ।

ସେହିଭଳି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନାମ ରହିଥିଲେ ହେଁ ବିଧାୟକ ଭଞ୍ଜନଗର ବୋଲି ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ରହିଛି । ଯାହାକୁ ନେଇ ପୁଣି ଉଭୟ ଖଲ୍ଲିକୋଟ ଓ ଭଞ୍ଜନଗର ବିଧାୟକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ସେପଟେ ଚିକିଟି ବିଧାୟକଙ୍କ ପୌରହିତ୍ୟରେ ଆୟୋଜିତ ସୁନାପୁର ବେଳାଭୂମି ମହୋତ୍ସବର ଅନ୍ତିମ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କୁ ନିମନ୍ତ୍ରଣ କରାଯାଇଥିଲେ ହେଁ ସେଠାକୁ ସେ ଯାଇନଥିଲେ । ଏଭଳି ସ୍ଥିତିରେ ବର୍ତ୍ତମାନ ସମସ୍ତଙ୍କ ନଜର ବିଜେପିର ଦଳୀୟ କନ୍ଦଳ ଓ ମନ୍ତ୍ରୀଙ୍କ ଏକଛତ୍ରବାଦ ନିତି ଭିତରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ କିଏ କିଏ ଯୋଗଦାନ କରୁଛନ୍ତି ।

**ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ଚିକିଟି ବିଧାୟକଙ୍କୁ ଅଣଦେଖା ଅଭିଯୋଗ**

**ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି ଦଳୀୟ ଗୋଷ୍ଠୀକନ୍ଦଳ ଓ ବିବାଦ**

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର,୧୧ ।୨(ସମିସ): ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ସଂଯୋଜକ ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଉପସଭାପତି ପ୍ରବୀର ପାତ୍ର, ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ବରିଷ୍ଠ ନେତା କୁଞ୍ଜବିହାରୀ ପାଣିଗ୍ରାହୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପାର୍ଥ ଦଳେଇ, ସୁରେଶ ପାଢ଼ୀ, ନାରାୟଣ ପଣ୍ଡା, ସୁନିଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଉପ ସଭାପତି ମୀନା ଦ୍ୟାନ ସାମନ୍ତରାଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ ।



### ଗଜପତିରେ ଆୟୁର୍ବେଦିକ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଡାକ୍ତର ମରୁଡ଼ି, ପିଅନ ଭରସାରେ ରୋଗୀ






ମୋହନା,୧୧ା୨(ସମିସ): ଜନସାଧାରଣଙ୍କୁ ଆୟୁର୍ବେଦ ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟ ସରକାର ନାନା ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ ଏହି ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଜିଲ୍ଲାରେ ୬ ଆୟୁର୍ବେଦ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ଡାକ୍ତର ମାତ୍ର ୨ ଜଣ ଅଛନ୍ତି। ଜିଲ୍ଲାର ଅଡ଼ବା, ଚାନ୍ଦିପୁଟ, ଡେକାସିନ୍ଧବା, ମଙ୍ଗରାଜପୁର, ଗଣ୍ଡାହାତୀ ଓ ଖାରଡ଼ା ଆଦି ଗ୍ରାମରେ ସରକାର ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। କିନ୍ତୁ ଡାକ୍ତର ଅଭାବ ହେତୁ ଲୋକେ ଠିକ ଭାବେ ସ୍ୱାସ୍ଥ୍ୟସେବା ଏବଂ ଔଷଧ ପାଇପାରୁନାହାନ୍ତି। ଅଡବା ଓ ଚାନ୍ଦିପୁଟରେ ଜଣେ ଡାକ୍ତର ତିନିଦିନ ଲେଖାଁଏ ପାଳି କରି ଚିକିତ୍ସା କରୁଥିବା ବେଳେ ଡେକାସିନ୍ଧବା, ମଙ୍ଗରାଜପୁର, ଗଣ୍ଡାହାତୀ ଓ ଖାରଡ଼ାରେ ଥିବା ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଜଣେ ଡ଼ାକ୍ତର ଚିକିତ୍ସା ଯୋଗାଉଛନ୍ତି। ଖାଲି ସେତିକି ନୁହେଁ ଯେଉଁଦିନ ଡାକ୍ତର ଅନୁପସ୍ଥିତ ରୁହନ୍ତି ସେହିଦିନ ପିଅନ ଭରଷାରେ ଡାକ୍ତରଖାନା ଚାଲେ। ଡାକ୍ତରଖାନାରେ ଥିବା ପିଅନ ଲୋକଙ୍କୁ ଔଷଧ ଦେଇ ସେବା ଯୋଗାଇଥାନ୍ତି। ପିଅନ ଡାକ୍ତରଙ୍କ କାମ କରନ୍ତି ଯାହାକୁ ନେଇ ସ୍ୱାସ୍ଥ୍ୟବିଭାଗର କାର୍ଯ୍ୟପନ୍ଥା ଉପରେ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏମିତିକି ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ଫାର୍ମାସିଷ୍ଟ କାର୍ଯ୍ୟ କରିବା ନିୟମ ଥିବାବେଳେ ମାତ୍ର ୪ଜଣ ଫାର୍ମାସିଷ୍ଟରେ ଜିଲ୍ଲାର ୬ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। କିଛି ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀଙ୍କ ରହିବା ପାଇଁ ସରକାରୀ ଗୃହ ନିର୍ମାଣ ହୋଇପାରୁନାହିଁ। ଯାହାକୁ ନେଇ ଡ଼ାକ୍ତର ଓ କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ମଧ୍ୟ ସୁଦୃଢ ନାହିଁ। ଜିଲ୍ଲାରେ ଯଦି ଏଭଳି ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହୁଏ, ତାହା ହେଲେ ରୋଗୀ କିଭଳି ସ୍ୱାସ୍ଥ୍ୟସେବା ପାଇବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଯଥାଶୀଘ୍ର ଜିଲ୍ଲାରେ ଥିବା ସମସ୍ତ ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ କରିବା ସହ ଆବଶ୍ୟକୀ ଡାକ୍ତର ଯୋଗାଇ ଦେବା ପାଇଁ ଜିଲ୍ଲାବାସୀ ଦାବି କରିଛନ୍ତି।

## ରାଜସ୍ୱ ଉପଖଣ୍ଡ ମାନ୍ୟତା ସହିତ ବିଶେଷଜ୍ଞ ଡାକ୍ତର ପଦ ପୂରଣ ଦାବି

ଜି.ଉଦୟଗିରି,୧୧ା୨(ସମିସ): ଅବହେଳିତ ଜି.ଉଦୟଗିରିର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବିଜେପି କର୍ମକର୍ତ୍ତା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ନିକଟସ୍ଥ କଳିଙ୍ଗରେ ଥିବା ପାଟନିକାଲ ଗାଡେନ ସହିତ ପ୍ରମୁଖ ପର୍ଯ୍ୟଟନ ସ୍ଥଳର ବିକାଶ ଏବଂ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା, କଳିଙ୍ଗାରେ ବନ୍ଦ ପଡ଼ିଥିବା ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ, ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ବିଭାଗ ବିଶେଷଜ୍ଞ ଡାକ୍ତର ପଦ ପୂରଣ, ଜି.ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ଅତିରିକ୍ତ ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ସମସ୍ତ ପଦ ପୂରଣ କରି ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ଆଦି ଦାବି କରାଯାଇଛି। ନଗର ବରିଷ୍ଠ ବିଜେପି ନେତା ମାନଗୋବିନ୍ଦ ପ୍ରଧାନ, ସଭାପତି ଭେଙ୍କଟେଶ୍ୱର ବେହେରା, ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁ, ଆମରସିଂ ନାୟକ, କାଉସିଲର କୁନ୍ତିମା ମଲ୍ଲିକ, ନିଶାରାଣୀ ନାୟକ ଓ ନଗର ସମ୍ପାଦକ ପ୍ରଶାନ୍ତ କୁମାର ମୁନି ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ମହିଳା ସିଲେଇ ଶିକ୍ଷା ତାଲିମ ଉଦ୍‌ଯାପିତ



ପାରଳାଖେମୁଣ୍ଡି,୧୧ା୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ୟୁନିଅନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ମହିଳାଙ୍କୁ ମହିଳା ସିଲେଇ ଶିକ୍ଷା ତାଲିମ କାର୍ଯ୍ୟକ୍ରମର ଉଦଯାପିତ ହୋଇଛି। ଗଜପତି ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସମିତିରୁ ୩୫ ଜଣ ମହିଳା ତାଲିମ ନେଇଥିଲେ। ଉଦଯାପନ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଜୀବିକା ମିଶନ ତଥା ମିଶନ ଶକ୍ତିର ପ୍ରକଳ୍ପ ପରିଚାଳକ ତିମନ ବାରା ଯୋଗ ଦେଇଥିଲେ। ୟୁନିଅନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ନାଗ ସଭାପତିତ୍ୱ କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ମହିଳା ସିଲେଇ ଶିକ୍ଷା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସଭାରେ ଅନୁଷ୍ଠାନର ମହିଳା ସିଲେଇ ପ୍ରଶିକ୍ଷିକା ଏ.ୱାଲାମଣି ଆଚାରୀ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ପ୍ରାଧ୍ୟାପକ ତଥା ସଂଯୋଜକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ଦିଲୀପ କୁମାର ତନ୍ତି ଉପସ୍ଥିତ ରହି କାର୍ଯ୍ୟକୁ ସୁଚାର ରୂପେ ସମ୍ପାଦନା କରିଥିଲେ।

## ଏକଲ ଅଭିଯାନର ବ୍ଲକ୍‌ସ୍ତରୀୟ ସତ୍‌ସଙ୍ଗ ପ୍ରତିଯୋଗିତା



ରାଇକିଆ,୧୧ା୨(ସମିସ): ରାଇକିଆ ଏକଲ ଅଭିଯାନ ତରଫରୁ ବୁଧବାର ରାଇକିଆ ବିଶ୍ୱେଶ୍ୱର ମନ୍ଦିର ପରିସରରେ ବ୍ଲକ୍‌ସ୍ତରୀୟ ସତସଙ୍ଗ ପ୍ରତିଯୋଗିତା ହୋଇଯାଇଛି। ସଭାପତି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆଧ୍ୟାତ୍ମିକ ଆଧାରିତ ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରାଇଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଅତିଥି ଭାବେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ବୈଦିକ ସତସଙ୍ଗ ଆଶ୍ରମ ସଭାପତି ଓମ୍ ପ୍ରକାଶ ବେହେରା, ରାଇକିଆ ଲକ୍ଷ୍ମୀ ପୂଜା କମିଟି ସଭାପତି ଦେବୀ ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ଗ୍ରାମୀଣ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସ ଦୂରେଇବା, ଶିକ୍ଷା, ଆରୋଗ୍ୟ ଶିକ୍ଷା, ଗ୍ରାମ ବିକାଶ, ଜାଗରଣ ଓ ସଂସ୍କାର ଶିକ୍ଷା ମାଧ୍ୟମରେ ଆଣିବା ସହ ଗାଁକୁ ସଂଗଠିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଅତିଥି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗଦାଧର ସାହୁ, ବିଶ୍ୱ ହିନ୍ଦୁ ପରିଷଦ ବରିଷ୍ଠ ସଦସ୍ୟ ତ୍ରିଲୋଚନ ଆଚାରୀ, ପଞ୍ଚାନନ ସାହୁ, ଭଗବାନ ବେହେରା, ସରୋଜ ବେହେରା, ଧରିତ୍ରୀ ପାତ୍ର ଓ ବିଯେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏକଲ ଅଭିଯାନର ଅଞ୍ଚଳ ପ୍ରମୁଖ ଯାକାରିଅସ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓଡ୍ରାଫ୍ ଟିମ୍‌ର ତାଲିମ

କାଶୀନଗର,୧୧ା୨(ସମିସ): କାଶୀନଗରରେ ଓଡ୍ରାଫ ଟିମ୍ ପକ୍ଷରୁ ପହଁରିବା ଏବଂ ବୁଡ଼ି ବଞ୍ଚିବା କୌଶଳ ଉପରେ ତାଲିମ ଦିଆଯାଉଛି। ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ କାଶୀନଗର ଏନଏସି କାର୍ଯନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୁଧୀର କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ୨୨ଜଣିଆ ଓଡ୍ରାଫ୍ ଟିମ୍ ଓ ଛତ୍ରପୁର ୮ମ ବାଟାଲିୟନ ଯବାନ ତାଲିମ ଦେଉଛନ୍ତି। କାଶୀନଗର ଶ୍ରୀରାମ କଲେଜ ଓ ଜଗନ୍ନାଥ ଜୁନିଅର କଲେଜର ୩୦ଜଣ ଛାତ୍ରଙ୍କୁ ନିକଟସ୍ଥ ଏକ ପୋଖରୀରେ ତାଲିମ ଦିଆଯାଉଛି। ତାଲିମ କାର୍ଯ୍ୟକ୍ରମ ଗତ ସୋମବାର ଆରମ୍ଭ ହୋଇଥିବା ବେଳେ ୬ ଦିନ ଧରି ତାଲିମ ସହ ଆତ୍ମରକ୍ଷା କୌଶଳ ଉପରେ



ପ୍ରଶିକ୍ଷଣ ପ୍ରଦାନ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ବଞ୍ଚାଇବା ସହ ନିକଟରେ ଥିବା ଅନ୍ୟକୁ କିପରି ବଞ୍ଚାଇ ପାରିବା ତାହା ଏହି ତାଲିମର ମୂଳ ଲକ୍ଷ୍ୟ ବୋଲି ଓଡ୍ରାଫ ଅଧିକାରୀ କହିଛନ୍ତି। ସଶସ୍ତ୍ର ନିରୀକ୍ଷକ ପ୍ରଦୀପ ଦଣ୍ଡପାଟ୍ ଉକ୍ତ କାର୍ଯ୍ୟକ୍ରମର ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ହାବିଲଦାର ଏ.କେ ପ୍ରଧାନ, ଆର.ନାୟକ , ଆର.କେ ସାହୁ ଓ ଟିମ୍ ତାଲିମ ଦେଉଛନ୍ତି।

## ଏସ୍‌କେସିଜି ମହାବିଦ୍ୟାଳୟରେ ନାକ୍ ଗୁଣମାନ ସଂସ୍କୃତି କର୍ମଶାଳା



ପାରଳାଖେମୁଣ୍ଡି,୧୧ା୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅନ୍ତଃ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ ତରଫରୁ ନାକ୍ ମାନ୍ୟତା ପାଇଁ ଗୁଣମାନ ସଂସ୍କୃତିର ଅନ୍ତର୍ନିହିତକରଣ : ଆଇକ୍ୟୁଏସି ଦୃଷ୍ଟିକୋଣ ଶୀର୍ଷକରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇକ୍ୟୁଏସି ସଂଯୋଜକ ଡ.ବିଘ୍ନେଶ୍ୱର ମିଶ୍ର ଉଚ୍ଚଶିକ୍ଷା ସଂସ୍ଥାରେ ଗୁଣମାନ ଆଶ୍ୱାସନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ନାକ୍ ମାନ୍ୟତାକୁ କେବଳ ମୂଲ୍ୟାୟନ ମାଧ୍ୟମ ନୁହେଁ, ବରଂ ସଂସ୍ଥାଗତ ଗୁଣମାନ ଉନ୍ନତିର ଏକ ଦୃଢ଼ ଢାଞ୍ଚା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସିୟୁଟିମର ଇଂରାଜୀ ବିଭାଗ ସହକାରୀ ପ୍ରଫେସର ତଥା ସଂଯୋଜକ ଡ. ଗିରିଶ ପ୍ରସାଦ ରଥ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ସଭାପତିତ୍ୱ କରିଥିଲେ। ଶେଷରେ ଭୂଗୋଳ ବିଭାଗର ସହକାରୀ ପ୍ରଫେସର ଆର୍ଚିସ୍ମାନ ସର୍ଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ।

### ପୂରଣ ହେବ ଡୁମ୍ବା ଗ୍ରାମବାସୀଙ୍କ ଦୀର୍ଘଦିନର ସ୍ୱପ୍ନ

## ପୋଲ ନିର୍ମାଣ ପାଇଁ ଚିହ୍ନଟ ଜାଗାରେ ଭୂମିପୂଜା

ରାୟଗଡ଼,୧୧ା୨(ସମିସ): ରାୟଗଡ ବ୍ଲକ ଡୁମ୍ବା ଗ୍ରାମବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ଏବେ ପୂରଣ ହେବାକୁ ଯାଉଛି। ଦୀର୍ଘଦିନ ଧରି ଲୋକଙ୍କ ଜୀବନ ରେଖା ପାଲଟିଥିବା କାଠ ପୋଲ କଂକ୍ରିଟ୍ ହେବ। ରାୟଗଡ଼ ବ୍ଲକ ଜଲାଙ୍ଗ ପଞ୍ଚାୟତର ଡୁମ୍ବା ଗ୍ରାମବାସଙ୍କ ଯାତାୟାତ ପାଇଁ ଜଲାଙ୍ଗ ନାଳ ଉପରେ ଏକ ପୋଲ ନିର୍ମାଣ ପାଇଁ



ବୁଧବାର ଭୂମିପୂଜା ହୋଇଯାଇଛି। ଏହି ପୋଲ ନିର୍ମାଣ ପାଇଁ ଡୁମ୍ବା ଗ୍ରାମ ସମେତ ୪ ଗ୍ରାମବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ଅଞ୍ଚଳବାସୀ ଆରଡି ବିଭାଗ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରି ଥକିଯାଇ ନିରାଶ ହେବାପରେ ପଞ୍ଚାୟତ ସମିତି ପାଣ୍ଠିରୁ ତାହା ନିର୍ମାଣ କରିବାକୁ ଆଜି ଭୂମିପୂଜା କରାଯାଇଥିବାରୁ ଅଞ୍ଚଳବାସୀ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଧ୍ୟକ୍ଷା ଏଥିରେ ଯୋଗଦେଇ ପୋଲ ନିର୍ମାଣ ପାଇଁ ଭୂମିପୂଜା କରିଥିବା ବେଳେ ଟିଡିସିସି ଓଏଲଏ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ଉପସ୍ଥିତ ଥିଲେ। ଗ୍ରାମବାସୀ ବହୁ ଆନନ୍ଦ ସହକାରେ ବାଜା ବାଜଣାରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ପୋଲ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ବୃଦ୍ଧି କରାଯିବା ସହ ଅତିଶୀଘ୍ର ବର୍ଷାଋତୁ ପୂର୍ବରୁ ଏହାକୁ ନିର୍ମାଣ କରାଯିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଛନ୍ତି।

ଗଜପତି ଜିଲ୍ଲା ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତର ଡୁମ୍ବା ଗାଁ। ଏଥିରେ ୫୦ରୁ ଅଧିକ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଗାଁକୁ ଯାତାୟତ ପାଇଁ ନିତି ଦିନିଆ ରାସ୍ତା ନାହିଁ। ଯାତାୟାତ ରାସ୍ତାରେ ଜଙ୍ଗଲରୁ ଏକ ନଦୀ ପ୍ରବାହିତ ହେଉଛି। ବର୍ଷା ୪ମାସ ଏହି ଗାଁ ବାହ୍ୟ ଜଗତରୁ ବଚ୍ଛିନ୍ନ ହୋଇଯାଉଥିବାରୁ ଲୋକେ ନିଜସ୍ୱ ଉଦ୍ୟମରେ ଉକ୍ତ ନଦୀର ଦୁଇ କୂଳରେ ଥିବା ଦୁଇ ଗଛ ଉପରେ ଏକ କାଠ ଗଣ୍ଡି ପକାଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ବର୍ଷାଦିନରେ ଏହି ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଭରାନଦୀ ଉପରେ ଥିବା ଏହି କାଠଗଣ୍ଡି ଦେଇ ଜୀବନକୁ ବାଜି ଲଗାଇ ଭାବେ ଯାତାୟତ କରିଥାନ୍ତି।

### ● ଫିରିଙ୍ଗିଆ ପଞ୍ଚାୟତ ସମିତି ବୈଠକ

## ବନ ସୁରକ୍ଷା ସମିତ ଗୃହ ନିର୍ମାଣକୁ ନେଇ ହୋହଲ୍ଲା

ଫିରିଙ୍ଗିଆ,୧୧ା୨(ସମିସ): ଫିରିଙ୍ଗିଆ ପଞ୍ଚାୟତ ସମିତିର ତ୍ରୟୋଦଶ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ ସାଂସଦ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ ଓ ଜୟଶ୍ରୀ କହଁର, ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଜିପିଇଓ ସୁରଜ କାନ୍ହୁଲନା, ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ, ବନାଞ୍ଚଳ ଅଧିକାରୀ ପ୍ରଦୋଷ ମହାରଣାଙ୍କ ସହ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉନ୍ନୟନ କାର୍ଯ୍ୟରେ ଲାଗିରହିଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା କରିଥିଲେ।

ଆଗକୁ ଗ୍ରୀଷ୍ମ ଋତୁ ଅସୁଥିବାରୁ ବିଭିନ୍ନ ଗ୍ରାମାଞ୍ଚଳରେ ରହିଥିବା ପିଇବା ପାଣି ସମସ୍ୟାର ସମାଧାନ ପାଇଁ ଉପସ୍ଥିତ ଜନ ପ୍ରତିନିଧି ଦାବି କରିଥିଲେ। ବନ ବିଭାଗ ଦ୍ୱାରା ନିର୍ମାଣ ଚାଲିଥିବା ବନ ସୁରକ୍ଷା ସମିତର ଗୃହ ନିର୍ମାଣକୁ ନେଇ କିଛି ସମୟ ପାଇଁ ବୈଠକରେ ହୋହାଲ୍ଲା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅବହେଳା କରୁଥିବା କିଛି ଜନ ପ୍ରତିନିଧି ଅଭିଯୋଗ କରିଥିଲେ। ଏହାର ଉତ୍ତର ରଖି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ ବେହେରା ଅବହେଳା ପ୍ରଦର୍ଶନ କରି ଆସୁଥିବା ଶିକ୍ଷକଙ୍କ ନାରେ ଅଭିଯୋଗ ଆସିଲେ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଉତ୍କଳ କୃଷି ମେଳା ଉଦ୍‌ଘାଟିତ



ପାରଳାଖେମୁଣ୍ଡି, ୧୧ା୨ (ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସରେ ଦୁଇ ଦିନିଆ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏସ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଓ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସଚାନ୍ସଲର ପ୍ରଫେସର ଅଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ. ରାଓ, କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର ଅନିତା ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ତୃଣମୂଳସ୍ତରରେ କୃଷି ବିକାଶ ଏବଂ କୃଷକଙ୍କ ଉନ୍ନତି ଉପରେ କେନ୍ଦ୍ରିତ ଥିଲା। ମୁଖ୍ୟଅତିଥି ଦକ୍ଷତା ଆଧାରିତ କୃଷି ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ କୃଷି, ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ରର ଚାଷୀଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ବିଧାୟକ ଦକ୍ଷିଣ ଓଡ଼ିଶାର ମେରୁଦଣ୍ଡ କୃଷିକୁ ସଂଗଠିତ କରିବାରେ ଚାଷୀଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ପ୍ରଥମ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜିଓ, ଏଫପିଓ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକ ଯୋଗ ଦେଇଥିଲେ। ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ୭୦ ଷ୍ଟଲ ଖୋଲିଥିଲା। ପରେ ପ୍ରଗତିଶୀଳ ଚାଷୀଙ୍କୁ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

### ଏସ୍‌ଡିଏଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସମ୍ବଲପୁରକୁ ହରାଇ ଜେଡି କ୍ଲବ ଫୁଲବାଣୀ ଚାମ୍ପିଅନ




ବାଲିଗୁଡ଼ା,୧୧ା୨(ସମିସ): ବାଲିଗୁଡା ଉପଖଣ୍ଡ କ୍ରୀଡ଼ା ସଙ୍ଘ ତରଫରୁ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ସମ୍ବଲପୁର ଏଫସି ଓ ଜେଡି କ୍ଲବ ଫୁଲବାଣୀ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଜେଡି କ୍ଲବ ଫୁଲବାଣୀ ଶେଷ ସମୟରେ ଚିତ୍ତାକର୍ଷକ ଗୋଟିଏ ଗୋଲ ଦେଇ ୧-୦ ଗୋଲରେ ସମ୍ବଲପୁର ଏଫସିକୁ ପରାସ୍ତକରି ଚାମ୍ପିଅନ୍ ହୋଇଛି। ଦୀର୍ଘଦିନ ପରେ ବାଲିଗୁଡାରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ସଂଘ ସଭାପତି ତଥା ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ପାଦକ ଡ଼.ସୁଶାନ୍ତ ଦାସ ଅତିଥି ପରିଚୟ, ମଞ୍ଚ ସଞ୍ଚାଳନ ଓ ଉଦଘୋଷକ ଭାବେ ପ୍ରମୁଖ ଭୂମିକା ତୁଲାଉଥିଲେ।

### ମା ବରାଳଦେବୀ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

## ରେଣ୍ଡମ୍-୬କୁ ହରାଇ ପାୱାର-୬ ଚାମ୍ପିଅନ

ଟିକାବାଲି,୧୧ା୨(ସମିସ): ଟିକାବାଲି ବ୍ଲକ ତେଙ୍ଗେରାପଥର ଛକରେ ଆୟୋଜିତ ମା’ ବରାଳଦେବୀ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ପାୱାର-୬ ଦଳ ଚଳିତ ବର୍ଷ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ମ୍ୟାଚ ପାୱାର-୬ ଏବଂ ରେଣ୍ଡମ-୬ ମଧ୍ୟରେ ହୋଇଥିଲା। ବିଜୟୀ ଦଳକୁ ଚାମ୍ପିଅନ୍ ଟ୍ରଫି ସହ ନଗଦ ୩୫ ହଜାର ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଟିକାବାଲି ବ୍ଲକରେ ଏକ ସୁଦୃଶ୍ୟ ମିନି ଷ୍ଟାଡିୟମ ନିର୍ମାଣ



ପାଇଁ ୧୪ କୋଟି ଟଙ୍କା ବ୍ୟୟ କରାଯିବ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ କ୍ରୀଡ଼ାବିତଙ୍କ ସୁବିଧା ପାଇଁ ମିନି ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଏବଂ ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ଯୋଗ ଦେଇଥିଲେ। କମିଟି ସଭାପତି ରାମବିଶି ଦିଗାଲଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ବିକ୍ରମସିଂ ଦଳବେହେରା, ତନୁଜ ଭୋଇ, ସହ-ସମ୍ପାଦକ ଦୁର୍ଯ୍ୟୋଧନ ଦିଗାଲ, ଆବାହକ ପ୍ରଦୀପ ଦିଗାଲ ଓ ଫିଲିପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ରେଫେରୀ ଭାବେ ହିରୋ ନାଏକ ପରିଚାଳନା କରିଥିଲେ।

### ମେଟ୍ ବାପାଙ୍କ ୨ ଅଙ୍ଗନବାଡ଼ି କର୍ମୀ ଝିଅ

## ହାତେଇଛନ୍ତି ମନରେଗା ଶ୍ରମ ପାଉଣା ଓ ଅଙ୍ଗନବାଡ଼ି ଦରମା

ପାରଳାଖେମୁଣ୍ଡି,୧୧ା୨(ସମିସ): ଗୋଷାଣି ବ୍ଲକ ଖରଷଣ୍ଡା ପଞ୍ଚାୟତରେ ମନରେଗା ଯୋଜନାରେ ସାମିଲ ହୋଇଛନ୍ତି ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡି କର୍ମୀ। ସେମାନେ ଉଭୟପଟରୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ହାସଲ କରୁଥିବା ବେଳେ ଏପରି ପ୍ରଶ୍ରୟ କିଏ ଦେଇଛି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଉଭୟ ଅଙ୍ଗନବାଡି କର୍ମୀ ହୋଇଥିବା ବେଳେ ସେମାନେ ସମ୍ପର୍କରେ ଦୁଇ ଭଉଣୀ। ବାପା ମେଟ୍ ଭାବେ ନିୟୋଜିତ ରହିଛନ୍ତି। ମେଟ୍ ବାପାଙ୍କ ପ୍ରଭାବରେ ସ୍ଥାନୀୟ ଜିଆରଏସ୍ ଠାରୁ ଆରମ୍ଭ କରି ସଭିଏଁ ଏକତ୍ର ହୋଇ ସରକାରଙ୍କ ଦୁଇ ଦୁଇଟି ଲାଭ ପାଉଥିବା ଆଲୋଚନା ହେଉଛି। ମନରେଗାରେ ଶ୍ରମିକ ଭାବେ କାମ କରି ଟଙ୍କା ବି ନେଇଛନ୍ତି ଆଉ ଅଙ୍ଗନବାଡି କର୍ମୀ ଭାବେ ମାସିକ ଦରମା ପାଉଛନ୍ତି।

ମିନି ଅଙ୍ଗନବାଡ଼ି କର୍ମୀଜଣକ ୨୦୨୩ରେ କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ୨୦୨୪-୨୫ରେ ୫୦ ଦିନ କାମ କରି ୧୨ହଜାର ୭୦୦ ଟଙ୍କା ମନରେଗା ମଜୁରି ପ୍ରାପ୍ୟ କରିଛନ୍ତି। ସେହିପରି ଅନ୍ୟଜଣେ ଅଙ୍ଗନବାଡି କର୍ମୀ ୨୦୨୪-୨୫ରେ ୬୯ ଦିନର ମନରେଗା ମଜୁରୀ ଭାବେ ୧୫ ହଜାର ୨୪୦ ଟଙ୍କା ଏବଂ ୨୦୨୫-୨୬ରେ ୮୩ ଦିନ କାମ କରି ୨୨ ହଜାର ୬୫୯ ଟଙ୍କା ମଜୁରି ପାଇଥିବା ଅଭିଯୋଗ ହୋଇଛି।

ଉଭୟେ ନିଜ ନିଜ କର୍ମକ୍ଷେତ୍ରକୁ ନଯାଇ ଅଙ୍ଗନବାଡ଼ି କର୍ମୀ ଭାବେ ମାସିକ ଭତ୍ତା ସହ ଏବାବଦରେ ଆସୁଥିବା ସମସ୍ତ ଲାଭ ଉଠାଇଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ଗ୍ରହଣ କରାଯାଇନାହିଁ। ଅଭିଯୋଗ କଲେ କାର୍ଯ୍ୟରତ ଜିଆରଏସ୍ ପ୍ରତିବାଦ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ମିଥ୍ୟା ଅତ୍ୟାଚାର ମାମଲା ରୁଜୁ କରିବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଜିଆରଏସ୍, ସ୍ଥାନୀୟ ଜନପ୍ରତିନିଧି, ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଉଭୟ ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଆସୁଥିବା ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗାଁର ପିଲା ଏବଂ ଗର୍ଭବତୀଙ୍କୁ ମଧ୍ୟ ସଠିକ ଭାବରେ ବଣ୍ଟନ କରୁନଥିବା ଅଭିଯୋଗ ହୋଇଛି। ଏନେଇ ଖରଷଣ୍ଡା ଗ୍ରାମର ଏମ୍.ଡିଲ୍ଲି, ଏମ୍.ନାରାୟଣା, କୋରା ତାରକା ଓ କାଲାମାଟା ହରି ଅଭିଯୋଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚଳିତମାସ ୬ ତାରିଖରେ ପତ୍ରମାଧ୍ୟମରେ ଜଣାଇଥିବା କହିଛନ୍ତି। ଏପରି ଏକ ଗୁରୁତର ମାମଲାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ଅଗ୍ରଗତି ହୋଇନଥିବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ ମଧ୍ୟ କରାଯାଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନକୁ ପଚାରିଲେ ତଦନ୍ତ ହେଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏତିକି ମାତ୍ର ଉତ୍ତର ମିଳୁଛି।

# ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ

**ଆସିକା, ୧୧।୨(ସମିସ):** ଶସକ୍ତିକରଣ ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ଆସିକା ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ, ବିଡ଼ିଓ ରାଜେନ୍ଦ୍ର ନାୟକ, ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ଜିପିଡିଓ ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆସିକା ବ୍ଲକର ୨୭ ପଞ୍ଚାୟତର ୩୯୩ ଜଣ ହିତାଧିକାରୀଙ୍କୁ ଦୁଇ ମାସର ଏକ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦୭ ଜଣ ବିଧବା, ୦୫ ଜଣ ଅବିବାହିତ, ୧୧୫ ଜଣ ବାର୍ଦ୍ଧକ୍ୟ, ୫୯ ଜଣ ଦିବ୍ୟାଙ୍ଗ, ୦୭ ଜଣ ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀଙ୍କୁ ଡିସେମ୍ବର ଓ ଜାନୁୟାରୀ ମାସର ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକର ସମସ୍ତ ଡିପାର୍ଟମେଣ୍ଟର କର୍ମଚାରି ଉପସ୍ଥିତ ଥିଲେ।

# ଈଶ୍ୱରୀୟ ଜ୍ଞାନଚକ୍ର କର୍ମଶାଳା

**ଗଞ୍ଜାମ, ୧୧।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବୋରିଗାଁ ସ୍ଥିତ ରାଣୀବର ପାହାଡ଼ରେ ବିଜେ ବାବା ଝଡେଶ୍ୱର ମହାଦେବ ଶୈବପୀଠରେ ଆରମ୍ଭ ହୋଇଥିବା ୧୧ ଦିନିବ୍ୟାପି ହରି ହରାତ୍ମକ ବିଶ୍ୱ ଶାନ୍ତି ମହାଯଜ୍ଞ ତୃତୀୟ ଦିବସରେ ପହଞ୍ଚିଛି। ଏହି ଉପଲକ୍ଷେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ଆଶ୍ରମ ତରଫରୁ 'ଈଶ୍ୱରିୟ ଜ୍ଞାନଚକ୍ର କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ କୁମାରୀ ରାଜ ଯୋଗିନୀ କସ୍ତୁରୀ ଭଗ୍ନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ରୂପେ ବାବା ଝଡେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଜୟକୃଷ୍ଣ ପ୍ରଧାନ, ମାଲାଡ଼ ସମିତିସଭ୍ୟ ପ୍ରତିନିଧି ତଥା ଯଜ୍ଞ ପରିଚାଳନା କମିଟି ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ଼ି, ସମାଜସେବୀ ଦୁର୍ଯ୍ୟୋଧନ ସାହୁ ଯୋଗ ଦେଇଥିଲେ। ବ୍ରହ୍ମ କୁମାରୀ ଯମୁନା, ଦମୟନ୍ତି, କେସିନୀ ଭଉଣୀ ସହଯୋଗ କରିଥିଲେ।

# ହରିପୁର ହାଇସ୍କୁଲର ବାର୍ଷିକ ଉତ୍ସବ

**ଧରାକୋଟ, ୧୧।୨(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ବରଡାବିଲି ପଞ୍ଚାୟତର ହରିପୁର ସରକାରୀ ସଂଯୁକ୍ତ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରଣସିଂହ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଧରାକୋଟ ବିଡ଼ିଓ ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ଭାବେ ବିଇଓ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ଅହଲ୍ୟା ସ୍ୱାଇଁ, ସହକାରୀ ଯନ୍ତ୍ରୀ ଡି କନ୍ୟା କୁମାରୀ, ମିଳିତ ଶିକ୍ଷକ ସଂଘ ସଭାପତି ଶୁକ୍ରୁ ବେହେରା, ଏସଏମସି ସଭାପତି ସନ୍ତୋଷ ଦାସ, ଉପ ସଭାପତି ଲକ୍ଷ୍ମଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥାପକ କାର୍ତ୍ତିକ ଚନ୍ଦ୍ର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ କୁମାର ବେହେରା ବିବରଣୀ ପାଠ କରିଥିଲେ। ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଉଜ୍ଜ୍ୱଳ ଭବିସ୍ୟତ ଗଠନ ଏବଂ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଉପରେ ପ୍ରେରଣା ଦେଇଥିଲେ। ଶିକ୍ଷୟତ୍ରୀ ସୁନୀତା କୁମାରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ନମିତା ନାୟକ, ନମିତା ପ୍ରଧାନ, ସଞ୍ଜୟ କୁମାର ଏକା, ମୁନା ଦାସ, ସୁଶାନ୍ତ କୁମାର ରଥ, ପବିତ୍ର ସ୍ୱାଇଁ, ଉମା ଶଙ୍କର ପୋଲାଇ, ଅଞ୍ଜଳି ସ୍ୱାଇଁ, ଭଗବାନ ସେଠୀ, ନିରଞ୍ଜନ ସ୍ୱାଇଁ, ସତ୍ୟ ନାରାୟଣ ନାୟକ, ଅରୁଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପଥରାରେ ବିରାଟ ହିନ୍ଦୁ ସମ୍ମିଳନୀ

**ଆସିକା, ୧୧।୨(ସମିସ):** ଆସିକା ବ୍ଲକ ଆଲ୍ଲିପୁର ପଞ୍ଚାୟତର ପଥରା ଗ୍ରାମରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବିମ୍ବାଧର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ




ସୁନୀଲ ଗୌଡ଼, ବିଶ୍ୱ ହିନ୍ଦୁ ପରିଷଦର ନଗର ସମ୍ପାଦକ ନାରାୟଣ ରଥ, ଉପ ସଭାପତି ଯୋଗେନ୍ଦ୍ର ନାଥ ପ୍ରଧାନ, ବ୍ରଜବନ୍ଧୁ ଆଚାରୀ, ରବୀନ୍ଦ୍ର ଆଚାରୀ, ବିଶ୍ୱନାଥ ସେଠୀ, ମହାଦେବ ସେଠୀ, ସଭାପତି ସତୀଶ କୁମାର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଗ୍ରାମରେ ସନାତନ ହିନ୍ଦୁ ଧର୍ମର ପ୍ରଚାର ପ୍ରସାର ସାଙ୍ଗକୁ ହିନ୍ଦୁ ପରମ୍ପରାକୁ ସୁଦୃଢ କରିବା, ହିନ୍ଦୁତ୍ୱର ମୂଲ୍ୟବୋଧ, ହିନ୍ଦୁ ରାଷ୍ଟ୍ରର ଚେତନା ସୃଷ୍ଟି କରିବା ଉପରେ ବହୁ ଅତିଥି ମତ ରଖିଥିଲେ। ପ୍ରଥମେ ଗ୍ରାମରକ୍ଷ ଲକ୍ଷ୍ମୀ ନୃସିଂହ ନାମ ସଂକୀର୍ତ୍ତନ ଦଳ ମହାମନ୍ତ୍ରରେ ଗ୍ରାମ ଭ୍ରମଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବୃନ୍ଦାବନ ବେହେରା, ଶିବରାମ ମହାରଣା, ରାଧାକୃଷ୍ଣ ପାଣିଗ୍ରାହୀ, ସତୀଶ ପାତ୍ର, ବୃନ୍ଦାବନ ବେହେରା, ସିଦ୍ଧେଶ୍ୱର ପାଣିଗ୍ରାହୀ, ଇ. ଭେଙ୍କଟ ରମଣ ପାତ୍ର, ସୀତାରାମ ବେହେରା, ସନ୍ତୋଷ ସ୍ୱାଇଁ, ଶ୍ୟାମ ସୁନ୍ଦର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଉଦ୍‌ଘାଟିତ

ବ୍ରହ୍ମପୁର, ୧୧।୨(ସମିସ)

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ମା' ତାରାତାରିଣୀ ଓ ମା ବାଙ୍କେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରି ଉକ୍ତ ମଶାଲ କାର୍ଯ୍ୟକ୍ରମ ସ୍ଥଳରେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ




ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭବାନୀ ଶଙ୍କର ମିଶ୍ର, ଡ଼ିପିଏମ୍‌ଓ ବୁଲୁନାଇ ସାହୁ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ହିଞ୍ଜିଳିକାଟୁ ବିଧାୟକ ପାର୍ଥୀ ଶିଶିର ମିଶ୍ର ଓ ବ୍ରହ୍ମପୁର ପ୍ରେସ୍ କ୍ଲବ ସଭାପତି ଅଶୋକ ବ୍ରହ୍ମା ପ୍ରମୁଖ ମଞ୍ଚାସିନ ଥିଲେ। ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ଟି ପ୍ରଦର୍ଶନୀ ଷ୍ଟଲ ରହିଛି। ପ୍ରତ୍ୟେକ ଦିନ ମଧୁମେହ, କିଡନୀ, ହୃଦରୋଗ, ଚର୍ମ ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ନିରାକରଣ ବିଷୟରେ ଆଲୋଚନା ଚକ୍ର ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପ୍ରତିଦିନ ଉଭୟ ଓଳି ଓପିଡି ଖୋଲିବ। ସେହି ଓପିଡିରେ ବିଶାଖାପାଟଣା ଓ ଭୁବନେଶ୍ୱରରୁ ସୁନାମଧନ୍ୟ ବିଶେଷଜ୍ଞ ଯୋଗ ଦେଇ ରୋଗୀଙ୍କ ଚିକିତ୍ସା କରିବେ। ଚଳିତ ମାସ ୧୪ ତାରିଖରେ ମେଗା ରକ୍ତଦାନ ଶିବିର ଏବଂ ଶେଷ ଦିନ ଜିଲ୍ଲାରେ ଏମ୍ସ ପ୍ରତିଷ୍ଠା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ମହୋତ୍ସବ ଚଳିତ ମାସ ୧୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। ମଶାଲ ଶୋଭାଯାତ୍ରାରେ ବିଜେପି ସଭାପତି ସରୋଜ ସାବତ, ଡେପୁଟି ମେୟର ଇ. ବିବେକ ରେ‡ୀ, କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସମ୍ପାଦକ ସିତାଂସୁ ପଣ୍ଡା, ଡା. କିରଣ କୁମାର ପାଣିଗ୍ରାହୀ, ସମିତ ସାବତ, ନବୀନ ମହାପାତ୍ର ଓ ନାଗେଶ୍ୱର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

● ଥମିବାର ନାଁ ଧରୁନି ସଲାଗୁଡ଼ା ବିଦ୍ୟାଳୟ ସମସ୍ୟା

# ଶିକ୍ଷକଙ୍କ ବିରୋଧରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

**ଫିରିଙ୍ଗିଆ, ୧୧।୨(ସମିସ):** ଥମିବାର ନାଁ ଧରୁନି ଫିରିଙ୍ଗିଆ ବ୍ଲକ ସଲାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା। ସମସ୍ୟା ଦୀର୍ଘଦିନ ଧରି ଲାଗିରହିଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଚୁପ ହୋଇ ବସିରହିଛି ଶିକ୍ଷା ବିଭାଗ। ଏଥିପାଇଁ ସ୍ଥାନୀୟ ସରପଞ୍ଚଙ୍କ ସହ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ ହୋଇ ସତ୍ୟସତ୍ୟ ଜଣାପଡ଼ିବା ପରେ ମଧ୍ୟ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉନଥିବାରୁ ପୁଣି ଥରେ ସରପଞ୍ଚ ରୋହିତ କହଁର



ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଟିଟୁ ଦିଗାଲ କମିଟି ସଭାପତି ସମ୍ପାଦକଙ୍କ ଦସ୍ତଖତ ଜାଲ୍ କରି ଷ୍ଟାଇପେଣ୍ଡ ଟଙ୍କା ଆତ୍ମସାତ କରିଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବନ କରାନଗଲେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବାର୍ଷିକ ସମ୍ମିଳନୀ




**ପୁରୁଷୋତ୍ତମପୁର, ୧୧।୨(ସମିସ):** ପୁରୁଷୋତ୍ତମପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ମିଳନୀ ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ରାଜ୍ୟ ଅବସରପ୍ରାପ୍ତ ସରକାରୀ ସଙ୍ଘର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସମ୍ମାନିତ ଅତିଥି ଭାବେ ଗଂଜାମ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ, ପୂର୍ବତନ ସଭାପତି ଜଟେଶ୍ୱର ମହାପାତ୍ର, ପୁରୁଷୋତ୍ତମପୁର ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠାତା ସଭାପତି ରାମଚନ୍ଦ୍ର ପଣ୍ଡା ମଞ୍ଚାସିନ ଥିଲେ। ସଂଘ ସଭାପତି ପ୍ରଫୁଲ୍ଲ କୁମାର ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ହରିହର ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ୮୦ ବର୍ଷ ଅତିକ୍ରାନ୍ତ କରିଥିବା ସଙ୍ଘ ୨ଜଣ ସଦସ୍ୟ ଦିବାକର ସାହୁ, ଲଡୁ କିଶୋର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର, ଆସିକା ସଂଘର ସଭାପତି ମିହିର କୁମାର ମହାପାତ୍ର, ପୋଲସରା ସଭାପତି ରାଧାଶ୍ୟାମ ପଣ୍ଡା, କୋଦଳା ସଭାପତି ପ୍ରକାଶ ଚନ୍ଦ୍ର ପାତ୍ର, କବିସୂର୍ଯ୍ୟନଗର ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଘ ସଭାପତି କାଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ମନମୋହନ ତ୍ରିପାଠୀ, ଉପସଭାପତି ଏ ରାଜୁ ଗୋପାଳ ରାଓ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ସାକ୍ଷରତା ଶିବିର

**ବ୍ରହ୍ମପୁର, ୧୧।୨(ସମିସ):** ବ୍ରହ୍ମପୁରସ୍ଥିତ ନାଳନ୍ଦାଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ସାକ୍ଷରତା ଶିବିର ଆୟୋଜିତ ହୋଇଯାଇଛି। ସହକାରୀ ଜିଲ୍ଲାପାଳ ସୁଦାମ କୁମାର ସ୍ୱାଇଁ, ଡାକ ବିଭାଗର ଜ୍ୟୋତିର୍ମୟୀ ମଲ୍ଲିକ, ଡାକ ଜୀବନ ବୀମା ପକ୍ଷରୁ ରୁଦ୍ର ଶଙ୍କର ସାହୁ, ସାଇବର ପୁଲିସ୍ ଷ୍ଟେସନର ପ୍ରଜ୍ଞା ପାରମିତା ନାୟକ, ଅଜିତ କୁମାର ଗୌଡ଼ ଏବଂ କୈଳାସ ଚନ୍ଦ୍ର ମହାରଣା ଅତିଥି ଭାବେ ଯୋଗଦେଇ ସଞ୍ଚୟର ଗୁରୁତ୍ୱ, ବିଭିନ୍ନ ସଞ୍ଚୟ ଯୋଜନା, ସାଇବର ଠକେଇ ଏବଂ ସେଥିପାଇଁ ନିଆଯାଉଥିବା ପ୍ରତିରୋଧକ ପଦକ୍ଷେପ ଆଦି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ଏବଂ ଆର୍ଥିକ ଶୃଙ୍ଖଳାର ଆବଶ୍ୟକତା ଉପରେ




ସେମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ କାଳୀଚରଣ ସାହୁଙ୍କ ସ୍ୱାଗତ ଭାଷଣ ଦେବା ସହ ଏହି ଶିବିରରୁ ଅର୍ଜିତ ଜ୍ଞାନକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସୁଦାମ କୁମାର ସ୍ୱାଇଁଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଶିବିରରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# କିଶୋରୀ ବାଳିକା ଶିକ୍ଷା ଆଲୋଚନା

**ବୁଗୁଡ଼ା, ୧୧।୨(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକା ଶିକ୍ଷା ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ପଦାରବିନ୍ଦ ଷଡ଼ଙ୍ଗୀ ଓ ଡାକ୍ତର ଚିନ୍ମୟୀ ସାମନ୍ତରା ପ୍ରଶିକ୍ଷକ ଭାବେ ଯୋଗଦେଇ କିଶୋରୀ ବାଳିକାଙ୍କ ବୌଦ୍ଧିକ, ମାନସିକ ଓ ଶାରୀରିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବା ସହ ଏକ ସୁସ୍ଥ ସମାଜ ଗଠନରେ କିଶୋରୀ ବାଳିକାଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଷଷ୍ଠ ଶ୍ରେଣୀ ଠୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ପ୍ରଧାନ ଶିକ୍ଷକ ଗିରିଜା ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅବ୍ୟବସ୍ଥାରେ ବୃଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟ

# ପାଣି ନାହିଁ, ଛାତରୁ ଖସୁଛି ସିଲିଂ





ଫିରିଙ୍ଗିଆ, ୧୧।୨(ସମିସ)

ଫିରିଙ୍ଗିଆ ବ୍ଲକ ପାହିରେଜୁ ପଞ୍ଚାୟତ ବୃଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତିକରୁଛି। ସରକାରଙ୍କ ତରଫରୁ ବର୍ତ୍ତମାନ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ସହ ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି, କମ୍ପ୍ୟୁଟରରେ ଶିକ୍ଷା ଓ କ୍ରୀଡ଼ାର ବିକାଶ ପାଇଁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଏବଂ ଉପାନ୍ତ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଉପଯୁକ୍ତ ସୁବିଧା ପାଉନଥିବା ବେଳେ କେଉଁଠି ବିଦ୍ୟାଳୟ ଗୃହ ଭାଙ୍ଗି ରହିଛି ତ କେଉଁଠି ପାଣି ବ୍ୟବସ୍ଥା ନଥିବାରୁ ପାଣି ପାଇଁ ବହୁ ଦୂରରୁ ପାଣି ଆଣି ପିଲାମାନେ ବ୍ୟବହାର କରୁଛନ୍ତି। ଶୌଚାଳୟ ବ୍ୟବହାର ଦୂରର କଥା ନିର୍ମାଣ ପରେ ବ୍ୟବହାର ନ ହୋଇ ତାହା ଭାଙ୍ଗି ନଷ୍ଟ ହୋଇ ଲକ୍ଷଲକ୍ଷ ଟଙ୍କା କ୍ଷତି ହେଉଛି। ବିଦ୍ୟାଳୟରେ ବର୍ତ୍ତମାନ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଦୀର୍ଘ ବର୍ଷର ପୁରୁଣା ବିଦ୍ୟାଳୟ ଗୃହର କବାଟ ଝରକା ନଷ୍ଟ ହେବା ସହ ଛାତରୁ ସିଲିଂ ଖସୁଥିବାରୁ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବରେ ପାଠ ପଢୁଛନ୍ତି। କେତେବେଳେ କାହା ଉପରେ

**ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟରେ ଚାଲିଛି ପାଠପଢ଼ା**

ସିଲିଂ ଖସିବ ତାହା କହିହେବ ନାହିଁ। ବିଦ୍ୟାଳୟରେ ପାଣି ବ୍ୟବସ୍ଥା ନାହିଁ। ନିକଟରେ ଥିବା ନଳକୂପ କେବେ ଠାରୁ ଅଚଳ ହୋଇପଡ଼ିଛି। ଛାତ୍ରଛାତ୍ରୀ ବିଦ୍ୟାଳୟ ଠାରୁ ଦୂରରେ ଥିବା ଏକ ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଶୌଚାଳୟ ପାଇଁ ପାଣି ନଥିବାରୁ ବ୍ୟବହାର ନ ହୋଇ ଭାଙ୍ଗି ନଷ୍ଟ ହେଉଛି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମାତ୍ର ୨ ଶ୍ରେଣୀଗୃହ ରହିଛି। ୨୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ପାଠ ଠିକ ଭାବରେ ପଢ଼ାଯାଇଥିଲେ ମଧ୍ୟ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ବିଦ୍ୟାଳୟ ନିକଟରେ ଅନ୍ୟ ଏକ ବିଦ୍ୟାଳୟ କୋଠରୀ ଅଛି। କିନ୍ତୁ ଛାତରୁ ବର୍ଷା ହେଲେ ପାଣି ଗଳୁଛି। ବର୍ତ୍ତମାନ ସେହି କୋଠରୀକୁ ମରାମତି ନ କରି ରଙ୍ଗ ମାରି କୋଠରୀ ଭିତର ସଜାଯାଉଥିବା ବେଳେ ତାହା ଛାତ୍ରଛାତ୍ରୀଙ୍କ ପାଇଁ କେତେ କାମରେ ଲାଗିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ, କୋଠରୀ ମରାମତି କରିବା ସହ ପାଣି ବ୍ୟବସ୍ଥା କରିବାକୁ ବିଦ୍ୟାଳୟର ସଭାପତିଙ୍କ ସହ ପରିଚାଳନା କମିଟି ଓ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଧାନଶିକ୍ଷକ ବିଦ୍ୟାଳୟର ଘର ନଷ୍ଟ ହୋଇ ସିଲିଂ ଖସୁଥିବାରୁ ମରାମତି କରିବା ପାଇଁ ଲିଖିତ ଭାବରେ ଜଣାଇଥିବା କହିଛନ୍ତି।

# ଭିବି-ଜି ରାମ୍ ଜି ଜନଜାଗରଣ ସମାବେଶ

**ବେଲଗୁଣ୍ଠା, ୧୧।୨(ସମିସ):** ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ସୋରଡ଼ା ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ 'ଭିବି-ଜି ରାମଜୀ' ଯୋଜନା ସମ୍ପର୍କିତ ଏକ ଜନଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। 'ଭିବି- ଜି ରାମଜି ଯୋଜନାକୁ ନେଇ ସାଧାରଣରେ ଦେଖାଦେଇଥିବା ବିଭିନ୍ନ ଭ୍ରାନ୍ତ ଧାରଣାକୁ ଦୂର କରିବା ସହ ଏହାର ସୁଫଳ ବିଷୟରେ କହିଥିଲେ। ମନରେଗା ଯୋଜନାରେ ପୂର୍ବରୁ ୧୦୦ ଦିନର କାର୍ଯ୍ୟଦିବସ ମିଳୁଥିବା ବେଳେ ଏହି ଯୋଜନା ମାଧ୍ୟମରେ ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଏଥିପାଇଁ ସରକାରୀ ସ୍ତରରେ ଅଧିକ ଅର୍ଥ ଅନୁଦାନ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ବାର୍ତ୍ତାକୁ ପ୍ରତିଟି ଘରେ ପହଞ୍ଚାଇବାକୁ ସେ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ସୋରଡ଼ା ଓ ବେଲଗୁଣ୍ଠା ବ୍ଲକ ସମେତ ଉଭୟ ଅଞ୍ଚଳର ଏନଏସିରୁ ପ୍ରାୟ ୫୦୦ରୁ ଅଧିକ ପ୍ରମୁଖ କର୍ମକର୍ତ୍ତା, ବହୁ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ପିଆରଆଇ ମେମ୍ବର ଏବଂ ସଙ୍ଗଠନର ବରିଷ୍ଠ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।

# ପରିବହନ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ରାୟଗଡ଼, ୧୧।୨(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକକୁ ମଙ୍ଗଳବାର ଦିନିକିଆ ଗସ୍ତରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆସି ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଠାରେ ମହା ଶିବରାତ୍ରି ପାଳନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହାପରେ ସେ କେରାଣ୍ଡି ପଞ୍ଚାୟତର ୱାଇ ଏଙ୍ଗାରସିଂ ଠାରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରି ଗଙ୍ଗାବାଡ଼ ପଞ୍ଚାୟତ ଗସ୍ତ କରି ଚମ୍ପାପୁର ଗ୍ରାମରେ ସରପଞ୍ଚ ହରିବନ୍ଧୁ କାର୍ଯ୍ୟୀଙ୍କ ଦ୍ୱାରା ନିର୍ମିତି ଶିବ ମନ୍ଦିରର ଶୁଭ ଉଦଘାଟନ କରିବା ସହ



ଭୋଗ ମଣ୍ଡପ ଉଦଘାଟନ କରିଥିଲେ। ତତ୍‌ପରେ ଗଙ୍ଗାବାଡ଼ ଠାରେ ନବନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୃହର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଆଜି ଜାତୀୟ କୃମି ଦିବସ ଉପଲକ୍ଷେ ଗଙ୍ଗାବାଡ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃମି ବଟିକା ଖୁଆଇ ପିଲା ମାନଙ୍କୁ ଉତ୍ସାହିତ କରିବା ସହ ସଚେତନତା କରି ପିଲାଙ୍କ ସହ ଫୋଟ ଉଠାଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କଟକ ଚୌଦ୍ୱାରର ବିଧାୟକ ସୌଭିକ ବିଶ୍ୱାଳ, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡ଼ିସିସି ଓଏଲ୍ଏ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ପୀତାମ୍ବର ନାୟକ, ସରପଞ୍ଚ ହରିବନ୍ଧୁ କାର୍ଯ୍ୟୀ, ସମିତିସଭ୍ୟା ସୁମିତ୍ରା ଶବର, କେରାଣ୍ଡି ସରପଞ୍ଚ କମଳା ଶବର, ସମିତି ସଭ୍ୟ ଗୋବର୍ଦ୍ଧନ ଶବର, ମାର୍ଲବା ସରପଞ୍ଚ ଜଳନ୍ଧର କାର୍ଯ୍ୟୀ, ସମିତିସଭ୍ୟା ପାର୍ବତୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

